ଧରିତ୍ରୀ
DHARITRI
September 7-13, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ

# ସର୍ଜନାରେ ଦମ୍ପତି

ଦୁଇଟି ମଣିଷ, ଗୋଟିଏ ମନ । ଦୁହେଁ ଚିତ୍ରକୁ ବୁଝନ୍ତି, ବୁଝନ୍ତି ବି ପରସ୍ପରକୁ । ଅସୀମ ଧୈର୍ଯ୍ୟ ଓ ସଂକଳ୍ପକୁ ନେଇ ସାଧନାର ପଥେ ପଥେ ଯାଇ ପାଇଛନ୍ତି ଅନେକ ସଫଳତା । ଆଉ ପାଲଟିଛନ୍ତି ସର୍ଜନ ଦମ୍ପତି ...

୩
ପ୍ରଚ୍ଛଦ ପ୍ରସଙ୍ଗ



# ବାମ୍ବୋପ୍ଲାଣ୍ଟର ବାସ୍ତୁ ମହତ୍ତ୍ୱ

ବାସ୍ତୁଶାସ୍ତ୍ର ଅନୁଯାୟୀ, ବାମ୍ବୋ ପ୍ଲାଣ୍ଟ ହେଉଛି ଏକ ପ୍ରକାର ଭାଗ୍ୟଶାଳୀ ତଥା ଶୁଭଫଳ ପ୍ରଦାନକାରୀ ଗଛ। ଏହାକୁ ଘରେ ହେଉ ଅବା କର୍ମକ୍ଷେତ୍ରରେ ରଖିଲେ ଭାଗ୍ୟୋଦୟ ହେବା ସହ ବୈଭବ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ବାମ୍ବୋପ୍ଲାଣ୍ଟର ଆଉ କ'ଣ ସବୁ ଉପକାର ରହିଛି ଜାଣନ୍ତୁ ସେ ସମ୍ପର୍କରେ...



* ବାମ୍ବୋପ୍ଲାଣ୍ଟ ପର୍ଯ୍ୟାବରଣକୁ ସଫାସୁତୁରା ରଖିବାରେ ବେଶ୍ ସହାୟକ ହୋଇଥାଏ। ସେଥିପାଇଁ ଏହାକୁ ନାଚୁରାଲ୍ ଏୟାର୍ ପ୍ୟୁରିଫାୟର୍ ପ୍ଲାଣ୍ଟ ବୋଲି ଅନେକ କହିଥାନ୍ତି।
* ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟକୁ ଘରର ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଅନ୍ୟପକ୍ଷେ ଏହାକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନପ୍ରାପ୍ତି ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ।
* ସବୁଠୁ ବଡ଼ କଥା ହେଉଛି ଏହି ବାମ୍ବୋପ୍ଲାଣ୍ଟରେ ଦିଆଯାଇଥିବା ପାଣିକୁ ପ୍ରତି ସପ୍ତାହରେ ବଦଳାଇବା ଦରକାର। ଯଦ୍ଦ୍ୱାରା ଆର୍ଥିକ ସ୍ଥିତି ମଜଭୁତ୍ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।
* ଏହି ବାମ୍ବୋପ୍ଲାଣ୍ଟକୁ ଘରର ଯେ କୌଣସି ସ୍ଥାନରେ ରଖାଯାଇପାରେ। ଏପରିକି ପତ୍ନୀପତିଙ୍କ ବେଡ୍‌ରୁମ୍‌ରେ ବି। କାରଣ ଏହା ପତ୍ନୀପତିଙ୍କ ଭିତରେ ଭଲପାଇବା ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ।
* କ୍ୟାରିୟର୍‌ରେ ସଫଳ ହେବାକୁ ଚାହୁଁଥିଲେ ଷ୍ଟଡିରୁମ୍‌ରେ ମଧ୍ୟ ବାମ୍ବୋପ୍ଲାଣ୍ଟକୁ ରଖିବା ବେଶ୍ ଉପକାରୀ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୭-୧୩, ୨୦୨୫

**ମେଷ**
କର୍ମଦକ୍ଷତାରୁ ଉଚ୍ଚ ସମ୍ମାନ, ସାମାଜିକ ପ୍ରତିଷ୍ଠା ବୃଦ୍ଧି, ସଭାସମିତିରେ ସମ୍ବର୍ଦ୍ଧନା, ପାରିବାରିକ ମତାନ୍ତରରୁ ଅଶାନ୍ତି, ଘର ସାଜସଜ୍ଜା କରିବେ, ସରକାରୀ ସହାୟତା ପ୍ରାପ୍ତି,ତୀର୍ଥାଟନର ସୁଯୋଗ ଲାଭ, ବିବାଦୀୟ ପରିସ୍ଥିତିର ସମାଧାନ ॥

**ବୃଷ**
ସୁଖମୟ ଜୀବନଚର୍ଯ୍ୟା, କର୍ମକ୍ଷେତ୍ରରେ ଗୌରବ, ସରକାରୀ ସ୍ତରରୁ ଅର୍ଥଲାଭ, ସାମଜିକ ସ୍ତରରେ ସମ୍ମାନ, ସାମୟିକ ସ୍ୱାସ୍ଥ୍ୟହାନୀ, ସାହିତ୍ୟ କୃତିରୁ ପ୍ରଶଂସା, ମକଦ୍ଦମାରେ ବିଜୟ, ମନୋରଞ୍ଜନ କାର୍ଯ୍ୟକ୍ରମ, କଳାକାରିଗରୀରେ ଉତ୍କର୍ଷତା ॥

**ମିଥୁନ**
ନିଜ ପରିସରରେ ପ୍ରତିଷ୍ଠା, ଅର୍ଥ ସଂକଟରୁ କାର୍ଯ୍ୟହାନୀ, ଦୂରଯାତ୍ରାର ଯୋଜନା, ପଡୋଶୀଙ୍କ ସହ ତିକ୍ତତା, ପ୍ରତିବନ୍ଧକ ଦୂରେଇଯିବ, ସାଂଗଠନିକ ସଭାର ପ୍ରସ୍ତୁତି, ଖର୍ଚ୍ଚ ପରିମାଣ ବୃଦ୍ଧି, ବନ୍ଧୁଙ୍କ ପ୍ରତାରଣା, ମାନସିକ ସ୍ଥିତି ବିଗିଡିବ ॥

**କର୍କଟ**
ସୁଚିନ୍ତିତ କାର୍ଯ୍ୟଧାରା, ଗବେଷଣାରେ ସଫଳତା, ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ଆର୍ଥିକ ଅନଟନ, ଅପ୍ରିୟସତ୍ୟ ଭାଷଣରୁ କଳହ, ବାଣିଜ୍ୟରେ ପ୍ରତିବନ୍ଧକ, ନୂତନ ଉଦ୍ୟୋଗାରମ୍ଭ କରିପାରନ୍ତି ॥

**ସିଂହ**
ଅର୍ଥନୈତିକ ଅବନ୍ନତି, ସାମାଜିକ ସ୍ଥିତି ବିଗିଡିବ, ବନ୍ଧୁ ମୁହଁ ଫେରାଇବେ, ପଦାଧିକାରୀଙ୍କ ଅନୁକମ୍ପା, ମନୋନୀତ ସ୍ଥାନକୁ ବଦଳି, ସାଂସ୍କୃତିକ କାର୍ଯ୍ୟକୁ ନିମନ୍ତ୍ରଣ, ପାରିବାରିକ ଅସ୍ଥିରତା, ବନ୍ଧୁସମ୍ପର୍କ କ୍ଷୁର୍ଣ୍ଣ ହେବ, ଅମୀମାଂସୀତ ଆଲୋଚନା ॥

**କନ୍ୟା**
ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଆତ୍ମୀୟଙ୍କ ଅନ୍ତରଙ୍ଗ ଆଳାପ, ଜମିଜମା କ୍ରୟବିକ୍ରୟ, କଳାପ୍ରିୟ ହେବେ, ସହକର୍ମୀଙ୍କ ଦୌରାତ୍ମ୍ୟ, ରାଜନୈତିକ ବିଚାରବିମର୍ଶ, ସାଂଗଠନିକ ଆଲୋଚନା, ଭୁଲ୍ ବୁଝାମଣାରୁ ଅଶାନ୍ତି ॥

**ତୁଳା**
ଶାରୀରିକ ସୁସ୍ଥତା, ମାନସିକ ଆଶ୍ୱସ୍ତି, ଅର୍ନ୍ତଦ୍ୱନ୍ଦ୍ୱ ଦୂରେଇଯିବ, ବନ୍ଧୁବର୍ଗରେ ଶତ୍ରୁତା, ସୁଚିନ୍ତିତ କର୍ମ ଯୋଜନା, ପାରିବାରିକ ଶୃଙ୍ଖଳା, କଳାସାହିତ୍ୟରେ କୃତିତ୍ୱ, ସଭାସମିତିରେ ଉଚ୍ଚସମ୍ମାନ, ପରିବହନରେ ଝଗଡା, ନିର୍ମାଣରେ ରୋକ୍ ଲାଗିବ ॥

**ବିଛା**
ଅବହେଳାରୁ କର୍ମହାନୀ, କାମରେ ଅନ୍ତରାୟ, ପରିବାରରେ ଭୁଲ୍ ବୁଝାମଣା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ସମସ୍ୟାବହୁଳ କର୍ମକ୍ଷେତ୍ର, ରାଜନୈତିକ ପୃଷ୍ଠପୋଷକତା, ଲୋକପ୍ରିୟତା ବୃଦ୍ଧି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ପ୍ରତିଯୋଗୀତାରେ ସଫଳତା ॥


**ଧନୁ**
ଅପବ୍ୟୟର ଅନୁଚିନ୍ତା, ଦୂରଯାତ୍ରାରେ ସମସ୍ୟା, ପଦସ୍ଥ ବ୍ୟକ୍ତିଙ୍କ ସହାୟତା, ନୂତନବନ୍ଧୁ ସମ୍ପର୍କ, ଗଠନମୂଳକ କାର୍ଯ୍ୟରୁ ପ୍ରଶଂସା, ମାତୃବର୍ଗରେ ପୀଡା, କ୍ରୀଡା ଚଳଚ୍ଚିତ୍ରରେ ବିବାଦ, ଭାବପ୍ରବଣତା ବଢିବ, ସ୍ନାୟବିକ ଦୁର୍ବଳତା ॥

**ମକର**
କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଲକ୍ଷ୍ୟସ୍ଥଳରେ ସମସ୍ୟା, ଦୋଦୁଲ୍ୟମାନ ମାନସିକତା, ଉପରିସ୍ଥଙ୍କ ଅନୁକମ୍ପା, ଯାନବାହନରେ ସମସ୍ୟା, ଲୋକସମ୍ପର୍କ ହ୍ରାସ, ଅସଜଡା ପରିସ୍ଥିତି, ବ୍ୟବସାୟରେ କ୍ଷତି, ଯୋଜନା ବଦଳାଇବେ ॥

**କୁମ୍ଭ**
ସନ୍ତାନଙ୍କ ବିଶୃଙ୍ଖଳା, ମାନସିକ ଅସ୍ଥିରତା, ପ୍ରତିକୂଳ ପରିସ୍ଥିତି, ପ୍ରତିବନ୍ଧକ ଦୂର ହେବ, ଭୁଲ୍ ବୁଝାମଣାରୁ ଅଶାନ୍ତି, ମକଦ୍ଦମାରେ ବିଜୟୀ ହେବେ, ପ୍ରଶାସନିକ ସ୍ତରରେ ଅଦଳବଦଳ, କଳାସାହିତ୍ୟରେ କୃତିତ୍ୱ ଲାଭ, ଆମଦାନୀ କାରବାର ବୃଦ୍ଧି ॥

**ମୀନ**
ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ, ଆର୍ଥିକ ସ୍ଥିତି ବଦଳିବ, ଭ୍ରାତୃ ସମ୍ପର୍କ ବଢିବ, ପରିବାରରେ ବିତର୍କ, ସୁସମ୍ପର୍କରେ ବାଧା ଉପୁଜିବ, କ୍ରନିକ୍ ରୋଗରେ ପୀଡାବୃଦ୍ଧି, ବ୍ୟବସାୟରେ ଉନ୍ନତି, ଧର୍ମକାର୍ଯ୍ୟ କରିବେ, ତୀର୍ଥାଟନର ସୁଯୋଗ ମିଳିବ, ସଠିକ୍ ନିଷ୍ପତି ନେଇପାରିବେନି, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ॥

# ଖଜରାର ଔଷଧୀୟ ଗୁଣ



ଭିଟାମିନ୍, ଆଇରନ୍, ପୋଟାସିୟମ୍, କ୍ୟାଲ୍‌ସିୟମ୍ ପରି ଅନେକ ଗୁଣକାରୀ ତତ୍ତ୍ୱରେ ଭରା ଖଜରାକୁ ଖାଇଲେ ଶରୀରକୁ ଇନ୍‌ଷ୍ଟାଣ୍ଟ ଏନର୍ଜି ମିଳିଥାଏ। ଖରା, ବର୍ଷା ହେଉ ଅବା ଶୀତ ସବୁ ଋତୁରେ ଏହାକୁ ଆରାମରେ ଖାଇପାରିବେ। ବିଶେଷକରି ଖାଲିପେଟରେ ଏହାକୁ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଆର୍ଥାରାଇଟିସ୍ ରୋଗୀ ବି ଏହାକୁ ଖାଇପାରିବେ। ଦାନ୍ତକୁ ଶକ୍ତ କରିବା, କୋଷ୍ଠକାଠିନ୍ୟ ଦୂର କରିବା, ହାଡକୁ ମଜଭୁତ୍ କରିବା ତଥା ବ୍ରେନ୍ ପାୱାର୍ ବଢାଇବାରେ ବି ଏହା ବେଶ୍ ଉପକାରୀ ହୋଇଥାଏ। ଶରୀରରେ ହିମୋଗ୍ଲୋବିନ୍‌ର ମାତ୍ରା କମ୍ ଥିଲେ ଖଜରା ଖାଇବା ଉତ୍ତମ। ତେବେ ଜଣେ ସୁସ୍ଥ ମଣିଷ ଦିନକୁ ଅତି କମ୍‌ରେ ଦୁଇଟି ଖଜରା ଖାଇପାରିବେ। ପାଚନ କ୍ରିୟା ଯଦି ଠିକ୍ ଥାଏ, ତା'ହେଲେ ୪ରୁ ୫ଟି ଖଜରା ମଧ୍ୟ ଖିଆଯାଇପାରେ। ସେହିପରି ଛୋଟ ପିଲାଙ୍କ କ୍ଷେତ୍ରରେ ଅତି କମ୍‌ରେ ଦିନକୁ ଗୋଟିଏ ମାତ୍ର ଖଜରା ଖାଇବା ଜରୁରୀ। କାରଣ ଏହା ସେମାନଙ୍କର ଇମ୍ୟୁନିଟି ପାୱାର ବଢାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଖଜରା ଖାଇବା ଦ୍ୱାରା ଶରୀରରେ ବ୍ଲଡ ସୁଗାର୍ ବଢିବା ସଙ୍ଗେସଙ୍ଗେ ସ୍କିନ୍‌ରେ ରାସେସ୍ ଆସେ, ଓଜନ ବଢେ, ପେଟ ମୋଡି ହେବା ତଥା ଡାଇରିଆ ପରି ଗମ୍ଭୀର ସମସ୍ୟା ଆଦି ଦେଖାଯିବାର ସମ୍ଭାବନା ରହିଥାଏ।

# ପାଠକୀୟ

* ଭୋକିଲା ଓ ଅସହାୟ ବୁଲା କୁକୁରଙ୍କ ପାଇଁ ସେମାନଙ୍କ ହୃଦୟ କାନ୍ଦେ। ପ୍ରତିଦିନ ସେମାନେ ତାଙ୍କୁ ଖାଇବାକୁ ଦେବାସହ ତାଙ୍କ ସହିତ କିଛି ସମୟ କାଟନ୍ତି। କାରଣ ତାଙ୍କୁ ସେମାନେ ବେସାହାରା ନୁହେଁ ବରଂ ବନ୍ଧୁ ବୋଲି ଭାବନ୍ତି। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରସ୍ତୁତ 'ଏମିତି ବନ୍ଧୁତା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା।

**– ସର୍ବେଶ୍ୱର ସାହୁ, ରାଉରକେଲା**

* କୁକୁର ଯେ କେବଳ ଏକ ବିଶ୍ୱାସଯୋଗ୍ୟ ପ୍ରାଣୀ ତା' ନୁହେଁ ବରଂ ତା' ଭିତରେ ମଣିଷଙ୍କ ପରି ଭଲମନ୍ଦ ବୁଝିବାର ଯଥେଷ୍ଟ ସାମର୍ଥ୍ୟ ରହିଥାଏ। ସେଇଥିପାଇଁ ବୋଧେ ମଣିଷ କୁକୁରକୁ ତା'ର ଏକୁଟିଆପଣର ସାଥୀ କରିଥାଏ। ଏମିତି ବି କେତେଜଣ ଅଛନ୍ତି, ଯେଉଁମାନେ ବୁଲା କୁକୁରଙ୍କ କଷ୍ଟ ସହି ନପାରି ତାଙ୍କ ସହ ବନ୍ଧୁ ଭଳି ଛିଡ଼ା ହୋଇଥାନ୍ତି। ତେଣୁ ଏଭଳି ଏକ ମନଛୁଆଁ ବିଷୟକୁ ନେଇ ପ୍ରସ୍ତୁତ 'ଏମିତି ବନ୍ଧୁତା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟିର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା।

**– ରାକେଶ ପୃଷ୍ଟି, ଯାଜପୁର**

* ସୃଜନ ପୃଷ୍ଠାରେ ସ୍ଥାନିତ 'ଛାଡ଼ପତ୍ର' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠା ବି ଖୁବ୍ ଆକର୍ଷଣୀୟ ଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ପ୍ରେମିକ ନୁହେଁ ବନ୍ଧୁ', 'କଥା ୨୫ ବର୍ଷର', 'ସୋନାକ୍ଷୀଙ୍କ ବହି କିଣା' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧକ୍ଷ ଡକ୍ଟର ସୁନ୍ଦର ନାରାୟଣ ପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।

**– ସନ୍ଧ୍ୟାରାଣୀ ମହାନ୍ତି, କଟକ**

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମଙ୍ଗଳସୂତ୍ର ରିଂ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। 'ଶରଣ ଶ୍ରୀକ୍ଷେତ୍ର' ଏକ ନିଆରା ଆଲେଖ୍ୟ ଥିଲା। ସହର ପୃଷ୍ଠାରୁ 'ବଡ଼ା ଗଣପତି ମନ୍ଦିର' ସମ୍ପର୍କରେ ବହୁ ନୂଆ କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ବବଲ୍ ର୍ୟାପ୍' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା।

**– ତପନ ମିଶ୍ର, କାକଟପୁର**

* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଅକାଳେ ମରଣ କି ସୁଖ..!' ଶୀର୍ଷକ ପାଠଟି ଏକ ନିଆରା ତଥା ହୃଦୟଛୁଆଁ ଆଲେଖ୍ୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କାର୍ ବୋନେଟ୍ ପାଲଟିଲା ଆକ୍ୱାରିୟମ୍', 'ସୁପର୍ ମାର୍କେଟ୍ ଭିତରେ ବଡ଼ ପଥର', 'ନିଆରା ୱାଟର ସ୍କିଂ' ଆଦି ପାଠ ବି ଆଶ୍ଚର୍ଯ୍ୟକର ଲାଗିବା ସହ ତଥ୍ୟପୂର୍ଣ୍ଣ ହୋଇଥିଲା।

**– ପୁଷ୍ପଲତା ଦାଶ, ମୟୂରଭଞ୍ଜ**

## ବିଶେଷ ଚିଠି




ଏମିତି ବନ୍ଧୁତା ଶୀର୍ଷକକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ମିଲିୟନେୟର କୁକୁର
ଲାଗୁଥିଲା ଭାରୀ ମଜାଦାର୍,
ସୃଜନର ଗପ, କବିତା ବି
କିଣି ନେଉଥିଲା ମନ ମୋର।
ଆହେ ମୋର ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଭିନ୍ନ।

**–ପାପୁନ ସେନାପତି, ଭଦ୍ରକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସର୍ଜନାରେ ଦମ୍ପତି



ଡ. ରଞ୍ଜନ କୁମାର ମଲ୍ଲିକ ଓ ପତ୍ନୀ ସୋନିଆ।

**ଦୁ**ଇଟି ମଣିଷ, ମନ କିନ୍ତୁ ଗୋଟିଏ। ଦୁହେଁ କେବଳ ଚିତ୍ରରେ ନିମଗ୍ନ ନୁହନ୍ତି। ପରସ୍ପରକୁ ବେଶ୍ ଭଲଭାବେ ବୁଝନ୍ତି ବି। ଯେଉଁଥିପାଇଁ ସେମାନଙ୍କୁ ସମସ୍ତେ ସର୍ଜନ ଦମ୍ପତି ବୋଲି କୁହନ୍ତି....

**ପ୍ରତିଟି ସୃଜନରେ ରହିଛି ଆମ ଯୁଗଳ ପରିଶ୍ରମ:** ଦୁଇ ହୃଦୟ, ଏକ ସ୍ୱପ୍ନ। ସେମାନଙ୍କ ଜୀବନର ଚଲାପଥରେ ଆସିଛି ଅନେକ ଚ୍ୟାଲେଞ୍ଜ। ମାତ୍ର ଅସୀମ ଧୈର୍ଯ୍ୟ, ଦୃଢ ମନୋବଳ, ପ୍ରତିଜ୍ଞାବଦ୍ଧ ସଂକଳ୍ପକୁ ନେଇ ସାଧନାର ପଥେ ପଥେ ସେ ପାଇଛନ୍ତି ବହୁ ସଫଳତା। ସୃଷ୍ଟି କରିଛନ୍ତି ଅନେକ କଳାକୃତି। ସେମିତି ପତିପତ୍ନୀ ହେଲେ ଚିତ୍ରଶିଳ୍ପୀ **ପ୍ରଦୋଷ ସ୍ୱାଇଁ ଓ ନିବେଦିତା**। ପ୍ରଦୋଷ କୁହନ୍ତି, 'ଅନେକଙ୍କ ଧାରଣା ଯେ ଗୀତ ଓ ସଙ୍ଗୀତରେ କେବଳ ରାଗ ପ୍ରଯୁଜ୍ୟ। ମାତ୍ର ଏହାକୁ ଚିତ୍ରରେ ରୂପ ଦିଆଯାଇପାରେ। ଚିତ୍ର ଅଙ୍କନରେ ରୂପଦେଲେ ରାଗର ରାଗ ଆଉ ଏକ ନୂତନ ଦିଗ ସୃଷ୍ଟିକରେ, ଯାହା ରାଗର ଭାବକୁ ବୁଝାଇଥାଏ। ଏଥିପାଇଁ ଓଡ଼ିଶାର କେତେକ ପୁରୁଣା ପୋଥିରୁ ସ୍ୱର, ଶବ୍ଦ ଓ ରାଗର ଭାବକୁ ନେଇ କାନ୍ଭାସରେ ଚିତ୍ର ଅଙ୍କନ କରିପାରିଛି। ସ୍କୁଲ ବୟସରୁ ବଡ଼ଭାଇଙ୍କ ଡ୍ରଇଁରୁ ବିଭିନ୍ନ ଚିତ୍ରକୁ ଦେଖି ଚିତ୍ର ଆଙ୍କିବା ମୋର ଏକପ୍ରକାର ଅଭ୍ୟାସ ହୋଇଯାଇଥିଲା। ସ୍କୁଲ ପଢା ପରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଲେଜରେ +୨ ବିଜ୍ଞାନ ପଢିଲି। ମାତ୍ର ଚିତ୍ର କଳା ପ୍ରତି ମନରେ ରୁଚି ଥିବାରୁ ଭୁବନେଶ୍ୱର ବି.କେ. କଲେଜ ଅଫ୍ ଆର୍ଟରେ ଯୋଗ ଦେଇ ପ୍ରିଣ୍ଟିଂ ବିଭାଗରେ ଚିତ୍ର ଶିକ୍ଷା ତାଲିମ ପାଇଥିଲି। ଜୀବନର ସବୁଠାରୁ ବଡ଼ ସମ୍ପଦ ଭାବେ କଳାକୁ ବାଛିଲି। ପରେ ଫଟୋଗ୍ରାଫିରେ ଡିପ୍ଲୋମା ଏବଂ ଅଭିଲେଖାଗାର ସମ୍ପର୍କରେ ସାର୍ଟିଫିକେଟ କୋର୍ସ କରିଥିଲି। କିନ୍ତୁ ଆର୍ଟ କଲେଜରେ ପଢୁଥିବାବେଳେ ଶିଳ୍ପୀ ନିବେଦିତାଙ୍କ ସହିତ ମୋର ଭେଟ ହୋଇଥିଲା। ସେ ମୋର ଜୀବନ ସଙ୍ଗିନୀ । ନିବେଦିତା ମୋର କ୍ଲାସ୍‌ମେଟ୍ ଥିଲେ। କଳା ମହାବିଦ୍ୟାଳୟରେ ଆମର ପରିଚୟ କେବଳ ସହପାଠୀ ପର୍ଯ୍ୟନ୍ତ ସୀମିତ ରହିଲା ନାହିଁ। ଏକା ସାଙ୍ଗରେ ଚିତ୍ରାଙ୍କନ କରିବା, ନୂଆ ବିଚାରରେ ପରୀକ୍ଷା-ନିରୀକ୍ଷା କରିବା, କଳା ସମୀକ୍ଷାରେ ଆଲୋଚନା ଏହି ସବୁ ଆମର ମନକୁ ଆସ୍ତେ ଆସ୍ତେ କଳା ପ୍ରତି ଏକ ସାମାନ୍ୟ ଦୃଷ୍ଟିକୋଣରେ ଏକତ୍ର କରିଦେଲା। ସେଥିରୁ ଜନ୍ମନେଲା ଗଭୀର ସମ୍ପର୍କ। ତାଙ୍କ ଯୋଗୁ ଜଳରଙ୍ଗରେ ଅନେକ ଦୃଶ୍ୟ ତିଆରି କଲି। ଯେଉଁଥିପାଇଁ ଗୋଲ୍ଡ ମେଡାଲ ପାଇଲି। ପୁଣି ରାଜ୍ୟ ଲଳିତକଳା ଏକାଡେମୀ ପୁରସ୍କାର ପାଇଲି। ୧୯୯୫ରୁ ୨୦୦୬ଯାଏ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଆର୍ଟିଷ୍ଟ ଭାବେ ଚାକିରି କରିଥିଲି। ଚାକିରିରୁ ଅବସର ପରେ ଦିଲ୍ଲୀରେ ରହୁଛି। ସ୍ୱତନ୍ତ୍ର ଭାବେ ସମକାଳୀନ ଚିତ୍ର ଉପରେ ଗବେଷଣା କରିବା ସହିତ ସଙ୍ଗୀତର ରାଗକୁ ନେଇ ଶତାଧିକ ଚିତ୍ର ଅଙ୍କନ କରିସାରିଲୁଣି। କଳା ପ୍ରତି ଆସ୍ଥା, ସ୍ନେହ ଓ ସହଯୋଗରେ ଆମେ ସେହି ସମୟର ସମସ୍ତ ବାଧାକୁ ଜିତିଲୁ। ଆଜି ଯେବେ ଗତିପଥକୁ ଦେଖୁଛି, ଦେଖୁଛି ପ୍ରତିଟି ଚିତ୍ରରେ, ପ୍ରତିଟି ସୃଜନରେ ରହିଛି ଆମର ଯୁଗଳ ପରିଶ୍ରମ ଓ ପ୍ରେମର କାହାଣୀ। କଳାକୁ କେବଳ ପେସା ଭାବେ ନୁହେଁ, ଜୀବନର ଏକ ସାଥୀ ଭାବେ ଦେଖୁଥିବା ଆମେ, ଆଜି ପର୍ଯ୍ୟନ୍ତ ପରସ୍ପର ପରାମର୍ଶ, ସହଯୋଗ ଓ ବୁଝାମଣାରେ ଆଗକୁ ବଢୁଛୁ। ଜୀବନରେ ବିଭିନ୍ନ ଅନୁଭବ, ଚାଲେଞ୍ଜ ଓ ସଫଳତାକୁ ଆମେ ସାଙ୍ଗେ ସାଙ୍ଗେ ଜୀବନ୍ତ କରୁଛୁ। ସେଇଥିପାଇଁ ଆଜି ମୋ ପାଇଁ କଳା କେବଳ ଏକ ପେସା ନୁହେଁ, ଏହା ଆମ ଦୁହିଁଙ୍କ ଜୀବନର ସୂତ୍ର । କିନ୍ତୁ ନିବେଦିତା କୁହନ୍ତି, 'ସରସ୍ୱତୀ ଶିଶୁ ମନ୍ଦିରରେ ପଢୁଥିବାବେଳୁ ହିଁ ମୋର ଚିତ୍ରକଳା ପ୍ରତି ଆଗ୍ରହ ବଢିଥିଲା। ପରେ ୧୦ମ ପାସ୍ ପରେ ବିଭୂତି କାନଗୋ ଆର୍ଟ କଲେଜରେ ପଢିଲି। ଏଠାରେ ୫ବର୍ଷୀୟା କୋର୍ସ କଲି। ୧୯୯୪ରେ ବି.କେ. ଆର୍ଟ କଲେଜରୁ ବି. ଫାଇନ ଆର୍ଟରେ (ପେଣ୍ଟିଂ)ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହେଲି। ମୋ ବାପା ଏ କ୍ଷେତ୍ରରେ ମୋର ପ୍ରେରଣା। ବାପାଙ୍କ ପରେ ଯାହାଙ୍କ ହାତ ଧରିଛି ସେ ହେଲେ ପ୍ରଦୋଷ। ଆର୍ଟ କଲେଜରେ ପଢୁଥିବା ବେଳେ ତାଙ୍କ ସହ ମୋର ଭେଟ ଓ ପରେ ବିବାହ ହୁଏ। ଘରେ ପରସ୍ପର ଚିତ୍ରକଳାକୁ ନେଇ କିଛି ନୂଆ ଚିନ୍ତା କରିଥାଉ। ବିଶେଷକରି ମୋ ଚିତ୍ରରେ ମାତୃଶକ୍ତି ହିଁ ସଂସାରର ସବୁଠାରୁ ବଡ଼ଶକ୍ତି । ମୋ ଚିତ୍ରରେ ଗୃହିଣୀଙ୍କୁ ପ୍ରାଧାନ୍ୟ ଦେଇଥାଏ। ଅଙ୍କନ କରିଥିବା ଚିତ୍ର ରାଜ୍ୟ ଓ ବାହାର ରାଜ୍ୟରେ ବହୁବାର ପ୍ରଦର୍ଶିତ ହୋଇଛି। ବହୁ ସମ୍ମାନ ଓ ପୁରସ୍କାର ମିଳିଛି। ଏମିତିରେ ଏଯାଏ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ପେଣ୍ଟିଂ କରି ସାରିଲିଣି। ୨୦୦୭ରେ ନୂଆଦିଲ୍ଲୀରେ ରହୁଥିଲି । ସେଠାରେ ନିଜସ୍ୱ ଉଦ୍ୟମରେ ଆର୍ଟ ହୋମ୍ ସ୍କୁଲ ଗଠନ କରିଛି । ଚିତ୍ରକଳା ସାଧନା ଚାଲିଛି। ହଁ ପ୍ରତିବର୍ଷ ଦୁର୍ଗା ପୂଜାରେ ଘରେ ମା' ଦୁର୍ଗାଙ୍କ ବନ୍ଦନା ପଢିଥାଏ। କିନ୍ତୁ ୭ବର୍ଷ ତଳେ ହଠାତ୍ ମୋର ଗୋଟେପଟ ଆଖିର ଦୃଷ୍ଟିଶକ୍ତି ଅଧା କମିଗଲା । ଡାକ୍ତରଙ୍କଠାରୁ ପରାମର୍ଶ ନେଇ ଶୁଣିଲି ଯେ ଏହା ବଡ଼ ବିପଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ମହାପ୍ରଭୁ ଓ ମା' ବିମଳାଙ୍କୁ ପ୍ରାର୍ଥନା କଲି। ଦିଲ୍ଲୀ ଏମ୍‌ସରେ ଯାଇ ଅପରେଶନ ହେଲା, ଯାହାହେଉ ଠାକୁରଙ୍କ ଆଶୀର୍ବାଦରୁ ସବୁ ଠିକ୍‌ଠାକ୍ ହୋଇଗଲା। ଦୃଷ୍ଟିଶକ୍ତି ଫେରିପାଇଲି। ସେଥିପାଇଁ ପ୍ରତିବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ବିମଳାଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ର ଆସେ। ମା'ଙ୍କୁ ଦର୍ଶନ ପରେ ମୋ ଭିତରେ ଏକ ଆତ୍ମବିଶ୍ୱାସ ବଢି ଯାଇଥାଏ। ତାହା ମୋତେ ଚିତ୍ର କରିବାକୁ ପ୍ରେରଣା ଦିଏ। ପ୍ରଦୋଷଙ୍କ ସହଯୋଗ ପାଇଁ ନିଜକୁ ଭାଗ୍ୟବାନ ମନେକରୁଛି।

**ଚିତ୍ରଶିଳ୍ପୀରୁ ଜୀବନସାଥୀ:** ପିଲାଦିନେ ସେ ଗାଁ ଘରୁ ଆରମ୍ଭ କରି ମଠ ଓ ମନ୍ଦିରରେ ଝୋଟି ପକାଇବା ସହ ମୂର୍ତ୍ତି ତିଆରି କରୁଥିଲେ। ସେ ହେଲେ ପ୍ରଫେସର **ଡ. ରଞ୍ଜନ କୁମାର ମଲ୍ଲିକ**। ସେ କୁହନ୍ତି, ଆମ ଘର ବାଲେଶ୍ୱର ଜିଲାର ବାଲିଆରେ। +୨ବିଜ୍ଞାନ ପଢାସରିଲା ପରେ ଭୁବନେଶ୍ୱର ବିଭୂତି କାନୁନଗୋ ଆର୍ଟ କଲେଜରେ ବିଏଫଏ ସାରିଲି। ସେହି ସମୟରେ ଲଲାଟେନ୍ଦୁ ରଥଙ୍କ କଥାରେ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସଙ୍କ ଆର୍ଟ ସେଣ୍ଟରରେ ଚିତ୍ରକଳା ସମ୍ପର୍କରେ

→



ପ୍ରଦୋଷ ସ୍ୱାଇଁଙ୍କ ସହ ପତ୍ନୀ ନିବେଦିତା





ଅନୁପ କୁମାର ଚାନ୍ଦ ଓ ପତ୍ନୀ ଶୁଭ୍ରା

ଅଧିକ ଜାଣିବା ପାଇଁ ଯାଉଥିଲି। ଏଠାରେ ଶିଳ୍ପୀ ହେବାର ପ୍ରକ୍ରିୟା ଶିଖିଲି। ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଜାଣିପାରିଲି। ପରେ ଆଗ୍ରା ଆର୍ଟ ବିଶ୍ୱବିଦ୍ୟାଳୟର ମାଷ୍ଟର ଡିଗ୍ରୀ ସାରିଲି। ହିଷ୍ଟ୍ରି ଅଫ୍ ଆର୍ଟରେ ଏମ୍.ଫିଲ୍ କଲି। କିଛି ବାସ୍ତବ ଓ କଳ୍ପନାକୁ ନେଇ ସମକାଳୀନ ଚିତ୍ର ଅଙ୍କନ କଲି। ଚିତକାରା ବିଶ୍ୱବିଦ୍ୟାଳୟରେ ସମକାଳୀନ ଚିତ୍ରକୁ ନେଇ ଗବେଷଣା କରିଥିଲି। ୨୦୦୦ ମସିହାରେ ଆଗ୍ରାରେ ପଢୁଥିବା ସମୟରେ ସୋନିଆଙ୍କ ସହିତ ମୋର ଦେଖାହେଲା। ସେ ମୋର ଜୁନିୟର ଥିଲେ। ଆର୍ଟରେ ବ୍ୟାଚେଲର ଡିଗ୍ରୀ କରୁଥିଲେ। ମୁଁ ଏମ୍ଏ କରୁଥିଲି। ଉଭୟେ ଚିତ୍ରକଳାର ବିଭିନ୍ନ ଦିଗକୁ ନେଇ ଆଲୋଚନା କରୁଥିଲୁ। ଏମିତିରେ ଆମ ଉଭୟଙ୍କ ଭିତରେ ଘନିଷ୍ଟ ସମ୍ପର୍କ ବଢିଲା। ସମୟକ୍ରମେ ତାଙ୍କୁ ବିବାହ ପାଇଁ ତାଙ୍କ ପରିବାରରେ ପ୍ରସ୍ତାବ ଦେଇଥିଲି ଏବଂ ଦିଲ୍ଲୀରେ ଆମ ଦୁଇଜଣଙ୍କ ବିବାହ ହୋଇଥିଲା। ମୁଁ ସମକାଳୀନ ଚିତ୍ରକଳା ପେଣ୍ଟିଂରେ କାର୍ଯ୍ୟ କଲି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ଆର୍ଟ କାର୍ଯ୍ୟ କରିପାରିଲି। ଅନେକ ସମ୍ମାନ ଓ ପୁରସ୍କାର ପାଇଛି। ଚିତ୍ରକଳା ସମ୍ପର୍କିତ ୭ଟି ପୁସ୍ତକ ବି ରଚନା କରିଛି। ସୋନିଆ କୁହନ୍ତି, 'ରଞ୍ଜନଙ୍କ ସହିତ ମୋର କଲେଜ ପଢା ସମୟରେ ଭେଟ ହେବାରୁ ସେ ମୋତେ ଚିତ୍ରକଳାର ବିଭିନ୍ନ କ୍ଷେତ୍ରରେ ସହଯୋଗ କଲେ। ଆମେ ଦୁଇଜଣ ଚିତ୍ରଶିଳ୍ପୀ ବୋଲି ଯେତିକି ଗୌରବ ଅନୁଭବ କରୁଛୁ ପରସ୍ପର ଜୀବନସାଥୀ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ସହଯୋଗ ଯୋଗୁ ଅନେକ କାର୍ଯ୍ୟ ସହଜସାଧ୍ୟ ହୋଇପାରୁଛି।'

**ଆମେ ପରସ୍ପରର ଭାବନାକୁ ବୁଝିପାରୁଛୁ–** କଳାକାର କେବଳ କଳାକୃତି ନିର୍ମାଣ କରେ ତା' ନୁହେଁ ବରଂ ସେ କଳାକୃତି ମାଧ୍ୟମରେ ନିଜର ମନୋଭାବକୁ ଅଭିବ୍ୟକ୍ତ କରିଥାଏ। ତା'ସହ ସମାଜକୁ ମଧ୍ୟ ଜାଗ୍ରତ କରେ। ସେମିତି ଜଣେ ଶିଳ୍ପୀ ଯେ କି ତାଙ୍କ ଚିତ୍ର ମାଧ୍ୟମରେ ପ୍ରକୃତିର ବିଭିନ୍ନ ଉପାଦାନ ଯଥା– ପୁଷ୍ପର ସୁଗନ୍ଧ, ଝରଣାର କଳକଳ ନାଦ, ପକ୍ଷୀର କାକଳି, ପବନର ମୃଦୁମନ୍ଦ ହିଲ୍ଲୋଳ, ଭିଜାବର୍ଷାରେ ମାଟିର ବାସ୍ନାକୁ ଅତି ସୂକ୍ଷ୍ମ ରୂପେ ଚିତ୍ରରେ ଉପସ୍ଥାପନ କରିପାରନ୍ତି। ସେ ହେଲେ ଶିଳ୍ପୀ **ଶୁଭ୍ରା ଚାନ୍ଦ** । ସେ କୁହନ୍ତି, 'ଦୀର୍ଘ ୨୫ ବର୍ଷ ଧରି ମୋର ଏହି ସାଧନା ଚାଲିଛି। ମୋର ଜନ୍ମ ଏକ ବଙ୍ଗୀୟ ପରିବାରରେ। ମୋ ବାପା କଲିକତାରୁ ଆସି କଟକସ୍ଥିତ ଆୟୁଧ ନିର୍ମାଣ ସଂସ୍ଥାରେ ନିଯୋଜିତ ଥିଲେ। ମୋ ମା' ଆଲୋକଲତା ଦାସ ଜଣେ ସାଧାରଣ ଗୃହିଣୀ। ମୋ ମା' ମୋତେ ପିଲାଟି ଦିନରୁ କଳା ସଂସ୍କୃତି ପ୍ରତି ଉତ୍ସାହିତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢିଲା ବେଳେ ବିଦ୍ୟାଳୟ ତରଫରୁ ସ୍କାଉଟ ଓ ଗାଇଡ କ୍ୟାମ୍ପରେ ଭୁବନେଶ୍ୱର ଯାଇଥିଲି। ସେଠାରୁ ଆମେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲୁ। ସେଠାକାର କଳାସଂସ୍କୃତି, ପ୍ରଭୁଙ୍କର ମୂର୍ତ୍ତି, ମୁଖା, ପିପିଲି ଚାନ୍ଦୁଆ ଆଦି ଦେଖି ମୁଁ ମୁଗ୍ଧ ହୋଇଗଲି। ମୋର ଓଡ଼ିଶାର କଳା ସଂସ୍କୃତି ପ୍ରତି ଅନୁରାଗ ବଢିଥିଲା। ପରେ ଉଚ୍ଚଶିକ୍ଷା ପାଇଁ ଜବଲପୁର ଫାଇନ ଆର୍ଟ କଲେଜ ଯାଇଥିଲି। ଏଠାରେ ଚିତ୍ରକଳାରେ ଏମଏ କଲି। ଜବଲପୁରର ଅନତି ଦୂରରେ ଥିବା ଭେଟାଘାଟ ଓ ଧୂଆଁଧାର ଜଳପ୍ରପାତ ପାଖରେ ମାର୍ବଲ ମୂର୍ତ୍ତି ନିର୍ମାଣ ହୁଏ। ଜବଲପୁର ରହଣି କାଳରେ ମାର୍ବଲ ପଥର ଖୋଦେଇ କରି ମୂର୍ତ୍ତି ନିର୍ମାଣ ଶିଖିଲି। ଏହାପରେ ୧୯୯୯ରେ ଛତିଶଗଡ଼ର ଖଇରାଗଡ଼ସ୍ଥିତ ଇନ୍ଦିରାକଳା ସଙ୍ଗୀତ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କଲି। ସେଠାକାର ପ୍ରାକୃତିକ ପରିବେଶ ମୋତେ ଅତ୍ୟନ୍ତ ଆକୃଷ୍ଟ କରିଥିଲା। ଆକୃତିମୂଳକ ଚିତ୍ରାଙ୍କନ ଛାଡ଼ି ଭାବନାମୂଳକ ଚିତ୍ରାଙ୍କନ ପ୍ରାରମ୍ଭକଲି। ମଧ୍ୟପ୍ରଦେଶର ଲୋକକଳା ଓ ଆଦିବାସୀ କଳା ବିଷୟରେ ଗବେଷଣା ପ୍ରବନ୍ଧ ପ୍ରସ୍ତୁତି କଲି। ସର୍ବଦା ପ୍ରକୃତିର ଆଭ୍ୟନ୍ତରୀଣ ମୂଲ୍ୟକୁ ଚିତ୍ରିତ କରିବାକୁ ଇଚ୍ଛା କରିଥାଏ। ଦର୍ଶକ ମୋ ଚିତ୍ରକୁ ଏକ ଭିନ୍ନ ଭାବନାର ଦୃଶ୍ୟ ଚିତ୍ର ବୋଲି କହିଥାନ୍ତି। ମୋ ଅଙ୍କିତ ଚିତ୍ର ଭାରତର ବିଭିନ୍ନ ସହର ସହିତ ବିଦେଶରେ ପ୍ରଦର୍ଶିତ ହୋଇଛି। ୨୦୧୧ରେ ଆମେରିକାରେ ମୋର କିଛି ଚିତ୍ରକୁ ଦେଖି ଆମେରିକାର ବିଶିଷ୍ଟ କବି କେଣ୍ଡେଲ ମେରିୟମ ଶତାଧିକ କବିତା ରଚନା କରିଥିଲେ। ଏହି କବିତାକୁ ଏକ ପୁସ୍ତକ ସଂକଳନ କରି ପୁସ୍ତକଟିକୁ ମୋତେ ଉତ୍ସର୍ଗ କରିଥିଲେ। ଖଇରାଗଡ଼ରେ ପିଏଚ୍‌ଡ଼ି କରୁଥିବା ଅବସରରେ ମୋର ଭେଟ ହୁଏ ଦେଶର ଜଣାଶୁଣା ଚିତ୍ରକର **ଅନୁପ କୁମାର ଚାନ୍ଦ**ଙ୍କ ସହିତ। ସେ ମୋତେ ଚିତ୍ର ରଚନା ଓ ପିଏଚ୍‌ଡ଼ି କାର୍ଯ୍ୟରେ ସହାୟତା କରିଥିଲେ। ତାଙ୍କ ସହିତ ମୋର ବନ୍ଧୁତ୍ୱରୁ ନିବିଡ଼ ସମ୍ପର୍କ ଗଢିଉଠିଥିଲା। ପରେ ଅନୁପଙ୍କ ହାତ ଧରିଲି। ମୁଁ ମଧ୍ୟପ୍ରଦେଶର ଝିଅ ଥିଲି ଏବେ ଓଡ଼ିଶାର ବୋହୂ। ସେହିପରି ଶୁଭ୍ରାଙ୍କ ସ୍ୱାମୀ ଶିଳ୍ପୀ ଅନୁପ ଚାନ୍ଦ ଦେଶର ଜଣେ ଜଣାଶୁଣା ଚିତ୍ରଶିଳ୍ପୀ । ସେ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାରପ୍ରାପ୍ତ। ତାହା ବ୍ୟତୀତ ସର୍ବଭାରତୀୟ ସ୍ତରରେ ବିଭିନ୍ନ କଳା ସଂସ୍ଥାନରୁ ପୁରସ୍କୃତ ହୋଇଛନ୍ତି । ସେ କୁହନ୍ତି, ତାଙ୍କ ଚିତ୍ର କଳାରେ ଓଡ଼ିଶାର ପାରମ୍ପରିକଚିତ୍ରକୁ ଏକ ନୂଆ ରୂପରେ ଅଭିବ୍ୟକ୍ତ କରିଛନ୍ତି। ଉପକୂଳବର୍ତ୍ତୀ ଓ ଲୋକକଳା ବିଷୟରେ ସେ ତାଙ୍କର ପିଏଚ୍‌ଡି ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ତାଙ୍କ ଘର ବାଲେଶ୍ୱର ଜିଲାର ଭୋଗରାଇରେ। ସେ କୁହନ୍ତି, ପିଲାଟି ଦିନରୁ ମା'ଙ୍କ ସହିତ ଝୋଟି ପକାଇବା ଦେଖିଥିଲି। ଥରେ କେତୋଟି ପାଚିଲା ତାଳ ନେଇ ବିଭିନ୍ନ କଳାକୃତି ତିଆରି କରିଥିଲି। ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ରକଳାକୁ ଅଙ୍କନ କରିଥିଲି। ସେବେଠାରୁ ଆଉ ପଛକୁ ଫେରିନାହିଁ। ବଡ଼ଭାଇ ଅଶୋକ କୁମାର ଚାନ୍ଦ ଉତ୍ତର ବାଲେଶ୍ୱର ଅଂଚଳର ଜଣେ ଜଣାଶୁଣା ମଞ୍ଚ କଳାକାର। ତାଙ୍କରି ପରାମର୍ଶ କ୍ରମେ ବି.କେ. ଆର୍ଟ କଲେଜରେ କଳା ଶିକ୍ଷା କଲି । ଚିତ୍ରକଳାରେ ସ୍ନାତକ ଡିଗ୍ରୀ ହାସଲ କଲି। ଛତିଶଗଡ଼ ସ୍ଥିତ ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟରୁ ଚିତ୍ରକଳାକୁ ନେଇ ସ୍ନାତକତ୍ତର ଶିକ୍ଷା ଓ ଗବେଷଣା କଲି। ବିଶ୍ୱର ବିଭିନ୍ନ ସହରରେ ମୋର ଚିତ୍ର ପ୍ରଦର୍ଶିତ ହୋଇ ସୁନାମ ଲାଭ କରିଛି। ମୁଁ ଏମିତିରେ ଜଙ୍ଗଲ ଓ ବାଘଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ବହୁଚିତ୍ର କରିଛି। କଳା ସଂସ୍କୃତି ଉପରେ ଶତାଧିକ ଲେଖା ମଧ ରଚନା କରିଛି। ଚିତ୍ରକୁ ନେଇ ପତ୍ନୀ ଶୁଭ୍ରା ମୋତେ ସହଯୋଗ କରିଥାନ୍ତି। ଆମେ ଦୁଇ ଜଣ ଚିତ୍ର ଶିଳ୍ପୀ ହୋଇଥିବାରୁ ପରସ୍ପରର ଭାବନାକୁ ବୁଝିପାରିଥାଉ।'


**ପାରିବାରିକ କଳାକୁ ଦୁହେଁ ବଞ୍ଚାଇ ରଖିଲୁ:** ତାଙ୍କ ଜେଜେ ଓ ବାପା ଥିଲେ ଜଣାଶୁଣା ଚିତ୍ରଶିଳ୍ପୀ। ତାଙ୍କର ଏକ କଳାସଂସ୍କୃତି ସମ୍ପନ୍ନ ପରିବାର। ସେ ହେଲେ ଶିଳ୍ପୀ **ବ୍ରଜେଶ୍ୱର ପଟ୍ଟନାୟକ**। ସେ କୁହନ୍ତି, 'ଆମ ଘର ଖୋର୍ଦ୍ଧା ଜିଲାର ଓଳସିଂଗ ଗାଁରେ। ମୋ ଜେଜେ ଗିରିଧାରୀ ପଟ୍ଟନାୟକ, ବାପା ଗୋକୁଳ ବିହାରୀ ପଟ୍ଟନାୟକ। ବଂଶାନୁକ୍ରମେ ବାପା ଓ ତାଙ୍କ ପରେ ମୁଁ ଏହି ବିଦ୍ୟାକୁ ଆଗକୁ ବଢ଼ାଇବାରେ ପ୍ରୟାସ କରିଚାଲିଛୁ। ବାପା ଦେଶ ବିଦେଶରେ ବହୁତ ନାମ ଅର୍ଜନ କରିଛନ୍ତି। ବହୁ ପୁରସ୍କାରର ଅଧିକାରୀ ହୋଇପାରିଥିଲେ। ତାଙ୍କ ଆଶୀର୍ବାଦରୁ ମୁଁ ମଧ ଦେଶ ବିଦେଶରେ ସଫଳତା ପାଇସାରିଛି। ପାଠପଢ଼ା ପରେ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନ କେନ୍ଦ୍ରରେ ୪ ବର୍ଷ ପଟ୍ଟଚିତ୍ର ତାଲିମ ସାରି ଏହି ପଟ୍ଟଚିତ୍ରକୁ ନିଜ ବେଉସା ରୂପେ ସାଉଁଟି ନେଇଛି। ତାଲିମ ସମୟରେ ଦେଖା ହୋଇଥିଲା **ଶ୍ରୁତି ଦାସ**ଙ୍କ ସହିତ। ସେ ଜଣେ ଭଲ ପଟ୍ଟ ଚିତ୍ରଶିଳ୍ପୀ। କଳା ପ୍ରତି ତାଙ୍କର ନିଷ୍ଠା ଓ ଭଲପାଇବାକୁ ଦେଖି ମୁଁ ସ୍ଥିର କରିଥିଲି ତାଙ୍କୁ ବିବାହ କରିବା ପାଇଁ। ଦୈନିକ ଘରର ସବୁ କାମ ସାରି ସେ ମୋ କାମରେ ଅନେକ ସାହାଯ୍ୟ କରନ୍ତି । ମୋ ପାଖରେ ଏବେ ୩୦ ଜଣ ମହିଳା ପଟ୍ଟଚିତ୍ର କାମ କରି ଶିଖି ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଥିରେ ପତ୍ନୀ ଶ୍ରୁତି ସେମାନଙ୍କୁ ଗାଇଡ କରିଥାନ୍ତି। ଆମ ପାରମ୍ପରିକ କଳାକାରିଗରିକୁ ବଞ୍ଚାଇ ରଖିବାରେ ମୋ ହାତ ସହିତ ସେ ତାଙ୍କ ହାତ ମିଶାଇଛନ୍ତି।' ଏଥିରେ ଶ୍ରୁତି କୁହନ୍ତି, 'ମୋର କଳାକାରିଗରି ପ୍ରତି ରୁଚିଥିଲା। ଯୋଗକୁ ଯାହାଙ୍କ ହାତ ଧରିଛି ସେ ମଧ୍ୟ ଜଣେ ପଟ୍ଟଚିତ୍ର ଶିଳ୍ପୀ, ଏହା ମୋ ପାଇଁ ଭଗବାନଙ୍କ କୃପା ।

**–ବନବିହାରୀ ବେହେରା**



ବ୍ରଜେଶ୍ୱର ପଟ୍ଟନାୟକ ଓ ପତ୍ନୀ ଶ୍ରୁତି

# ଆଣ୍ଟି ଏଜିଂ ଯୋଗାସନ





**ବୟସ ବଢ଼ିବା ସହ ଚେହେରାରେ ବୟସର ଛାପ ପଡ଼ିବାକୁ ଲାଗେ। ଚର୍ମ କୁଞ୍ଚନ, ଚେହେରାରେ କଳାଦାଗ ପଡ଼ିବା, ଆଖିତଳ ଫୁଲିବା ଭଳି ନାନା ସମସ୍ୟା ସୃଷ୍ଟି ହୁଏ । ସେଥିପାଇଁ ଚିନ୍ତା ବଢେ । ତେବେ ଏସବୁ ସମସ୍ୟାର ସମାଧାନ ଅଛି । ଆଉ ତାହା ହେଉଛି ଯୋଗାସନ । କିଛି ଯୋଗାସନକୁ ନିୟମିତ କଲେ ତାହା ଆଣ୍ଟି ଏଜିଂର କାମ କରେ । ଚେହେରା ଯୁବା ଲାଗେ । ସେଗୁଡ଼ିକ ହେଉଛି...**

**ତାଡାସନ:** ଦୁଇ ପାଦର ଅଙ୍ଗୁଳିରେ ସିଧା ଠିଆ ହୋଇ ଦୁଇ ହାତ ମୁଣ୍ଡ ଉପରକୁ ଟେକନ୍ତୁ। ଯେମିତି କି ଦୁଇ ପାପୁଲି ସାମ୍ନା ସାମ୍ନି ରହିବ। ଏଭଳି ସ୍ଥିତିରେ ୩୦ ସେକେଣ୍ଡରୁ ୧ ମିନିଟ ଯାଏ ରୁହନ୍ତୁ। ଏହା ହେଉଛି ଏକ ବହୁ ଉପାଦେୟ ଆଣ୍ଟି ଏଜିଂ ଯୋଗ ପୋଜ୍। ଏହା ପୋଶ୍ଚର ଇମ୍ପ୍ରୁଭ୍ କରେ, ଆଭ୍ୟନ୍ତରକୁ ସୁଦୃଢ଼ କରିବା ସହ ରିଙ୍କଲ ଦୂର କରେ। ହେଲେ ନିମ୍ନ ରକ୍ତଚାପ ଓ ମୁଣ୍ଡ ବୁଲାଉଥିଲେ ଏହି ଯୋଗ ନ କରିବା ଭଲ।

**ଉତ୍ତନାସନ:** ସିଧା ଠିଆ ହୁଅନ୍ତୁ। ଏହାପରେ ଆଗକୁ ପୂରାପୂରି ନୁଅଁନ୍ତୁ। ମୁଣ୍ଡକୁ ପାଦ ପାଖରେ ଲଗାଇ ଦୁଇ ହାତକୁ ଭୂମିରେ ଲଗାନ୍ତୁ। ଏଭଳିଭାବେ ୩୦ରୁ ୧ ମିନିଟ ଯାଏ ରୁହନ୍ତୁ। ଏହି ଯୋଗାସନ କରିବା ଦ୍ୱାରା ମୁହଁକୁ ରକ୍ତ ସଞ୍ଚାର ବଢିଥାଏ। ଏହାଦ୍ୱାରା ଫ୍ଲେକ୍ସିବିଲିଟି ବଢେ, ଲୋ ବ୍ୟାକ୍ ଓ ଗୋଡ ମାଂସପେଶୀର ଟାଇଟ୍‌ନେସ୍ କମେ। ତେଣୁ ଏହାକୁ ବି ଏକ ବହୁ ପ୍ରଭାବୀ ଆଣ୍ଟି ଏଜିଂ ଯୋଗ କୁହାଯାଏ। ହେଲେ ବେକ ଓ ପିଠିରେ ସମସ୍ୟା ଥିଲେ ଅବା ଗର୍ଭବତୀ ଥିଲେ ଏହାକୁ କରିବା ଉଚିତ ନୁହେଁ।



**ସେତୁ ବନ୍ଧାସନ:** ଭୂମିରେ ଆରାମରେ ଶୋଇ ଯାଆନ୍ତୁ। ଦୁଇ ପାଦକୁ ନିତମ୍ବ ଆଡ଼କୁ ଆଣି ପାଦକୁ ଭୂମିରେ ରଖି ଅଣ୍ଟାକୁ ଛାତ ଆଡ଼କୁ ଉପରକୁ ଉଠାନ୍ତୁ। ଦୁଇ ବାହୁକୁ ଶରୀରର ଦୁଇ ପାର୍ଶ୍ୱରେ ଲମ୍ବାଇ ରଖନ୍ତୁ। ଏଭଳିଭାବେ ୩୦ସେକେଣ୍ଡରୁ ୧ ମିନିଟ ଯାଏ ରଖନ୍ତୁ। ଏହି ଆସନ ଦ୍ୱାରା ଗୋଡ, ନିତମ୍ବ ମାଂସପେଶୀ ଶକ୍ତ ହୁଏ ଓ ରକ୍ତ ସଞ୍ଚାର ବଢେ। ତେଣୁ ଏହାକୁ ନିୟମିତ କଲେ ଯୁବା ଲାଗିବେ। ହେଲେ ବେକ କି ପିଠିରେ ସମସ୍ୟା ଥିଲେ ଏହାକୁ ନ କରିବା ଭଲ।

**ଭୁଜଙ୍ଗାସନ:** ଭୂମି ଉପରେ ପେଟେଇକି ଶୋଇ ଯାଆନ୍ତୁ। ଦୁଇ ହାତକୁ ଶରୀରର ଦୁଇ ପାର୍ଶ୍ୱରେ ଭୂମି ଉପରେ ରଖି ଛାତିକୁ ଉଠାଇ ମୁଣ୍ଡକୁ ପିଠି ଆଡ଼କୁ ନିଅନ୍ତୁ। ଏଭଳି ସ୍ଥିତିରେ ପାଖାପାଖି ୩୦ ସେକେଣ୍ଡ ରୁହନ୍ତୁ। ଏହା ହେଉଛି ସବୁଠାରୁ ସହଜ ଆଣ୍ଟି ଏଜିଂ ଯୋଗ ପୋଜ୍। ଏହା ମେରୁଦଣ୍ଡକୁ ଶକ୍ତ କରିବା ସହ ୟୁଥଫୁଲ ସ୍କିନ ଦିଏ।

**ବିପରୀତ କରନି:** କାନ୍ଥ ପାଖରେ ଭୂଲମ୍ବ ହୋଇ ଶୋଇ ଯାଆନ୍ତୁ। ଦୁଇ ଗୋଡକୁ କାନ୍ଥରେ ଟେକି ରଖନ୍ତୁ। ଆଉ ଦୁଇ ହାତକୁ ଦୁଇ ପାର୍ଶ୍ୱରେ ମେଲାଇ ରିଲାକ୍ସ ଛାଡି ଦିଅନ୍ତୁ। ଏଭଳି ଭାବେ ପାଖାପାଖି ୧୫ ମିନିଟ ରୁହନ୍ତୁ। ଏହି ଯୋଗ କଲେ ଚେହେରାକୁ ରକ୍ତପ୍ରବାହ ବଢେ, ଆଖି ତଳ ଫୁଲା ତଥା ଆଇ ବ୍ୟାଗ୍ସ କମେ। ହେଲେ ଯଦି ଗ୍ଲୁକୋମା କିମ୍ବା ହୃଦ୍‌ରୋଗଜନିତ ସମସ୍ୟା ଥାଏ ଏହି ଯୋଗାସନ ନ କରିବା ଭଲ।

**ଫେସ୍ ଯୋଗ:** ଆଣ୍ଟି ଏଜିଂ ଯୋଗ କଥା ଆସିଲେ ଫେସ୍ ଯୋଗକୁ ବାଦ୍ ଦିଆଯାଇ ନ ପାରେ। ଆଣ୍ଟି ଏଜିଂ ଫେସ୍ ଯୋଗଗୁଡ଼ିକ ହେଲା–

**କପାଳକୁ ମସାଜ୍:** ଦୁଇ ହାତର ଅଙ୍ଗୁଳିରେ କପାଳକୁ ୫–୧୦ ମିନିଟଯାଏ ଅପ୍‌ୱାର୍ଡ ମସାଜ୍ କରନ୍ତୁ।

**ଚିକ୍ ଲିଫ୍ଟ ବା ଗାଲକୁ ଲିଫ୍ଟ କରିବା ମସାଜ:** ପୂରା ଖୋଲିକି ଦାନ୍ତ ଦେଖେଇ ହସନ୍ତୁ। ଦୁଇହାତର ଦୁଇ ଅଙ୍ଗୁଳିରେ ପାଟିର ଦୁଇ ପାର୍ଶ୍ୱକୁ ମେଲେଇ ଉପର ଆଡ଼କୁ ଟେକନ୍ତୁ। ଏଭଳିସ୍ଥିତିରେ ୫–୧୦ ସେକେଣ୍ଡ ରଖନ୍ତୁ। ଆଉ ୧୦ ଥର ଏମିତି କରନ୍ତୁ।


**ନେକ ଟୋନିଂ:** ମୁଣ୍ଡକୁ ପଛକୁ କରି ଓଠକୁ ପାଉଟ୍ କରି ସିଲିଂ ଆଡ଼କୁ ଚାହାନ୍ତୁ। ଏଭଳି ପୋଜ୍‌ରେ ୫–୧୦ ସେକେଣ୍ଡ ରୁହନ୍ତୁ। ଏମିତି ୧୦ ଥର କରିବେ।

**ଆଇ ଟୋନିଂ:** ଆଖିର ଦୁଇ ପାର୍ଶ୍ୱକୁ ବାହାର ଆଡ଼କୁ ଟାଣନ୍ତୁ। ତା'ସହ ଆଖି ମିଟି ମିଟି କରନ୍ତୁ। ଏମିତି ୧୦–୧୫ ଥର କରିବେ।

**ଜ' ଲାଇନ୍ ସାର୍ପେନିଂ:** ମୁଣ୍ଡକୁ ପଛଆଡକୁ କରି ଜିଭକୁ ପାଟିର ତାଲୁରେ ଲଗାନ୍ତୁ। ଏମିତି ୫–୧୦ ସେକେଣ୍ଡ ରୁହନ୍ତୁ। ୫–୧୦ ଥର ଏଭଳି କଲେ ଜ' ଲାଇନ୍ ଶାର୍ପ ହୋଇଯିବ।

ଆଣ୍ଟି ଏଜି ଯୋଗଗୁଡ଼ିକୁ ଖାଲି ପେଟରେ କରିବା ଜରୁରୀ। ତା'ସହ ନିୟମିତ କରିବାର ଆବଶ୍ୟକତା ବି ରହିଛି। ଅତିକମ୍‌ରେ ସପ୍ତାହକୁ ତିନିଦିନ ଏହି ଯୋଗ କରିବା ଜରୁରୀ। ଯଦି କରିବା ସମୟରେ ଅସୁସ୍ଥ ଅନୁଭବ କିମ୍ବା କଷ୍ଟ ଅନୁଭବ ହୁଏ, ତେବେ ଯୋଗ ନ କରି କିଛି ସମୟ ବିଶ୍ରାମ କରିବା ଜରୁରୀ। ଯୋଗ କରିବା ପୂର୍ବରୁ ଲାଇଟ୍ କାର୍ଡିଓ ଅବା ଲାଇଟ୍ ଷ୍ଟ୍ରେଚିଂ କରି ୱାର୍ମ ଅପ୍ ହେବା ଉଚିତ। ଯୋଗ କରିବା ପରେ ଦୀର୍ଘଶ୍ୱାସ ନେଇ କିଛି ସମୟ ରିଲାକ୍ସ ହେବା ଜରୁରୀ।





# ଜୀବନକୁ ସାର୍ଥକ କରିଛି ସଙ୍ଗୀତ



**ସ୍କୁଲ ବୟସରୁ ସେ ଆକଶବାଣୀ କଟକ କେନ୍ଦ୍ରରେ ଯୋଗଦେଇଥିଲେ। ଆଜକୁ ଦୀର୍ଘ ୫ଦଶନ୍ଧି ଧରି ତାଙ୍କର ସଂଗୀତ ସାଧନା ଜାରି ରହିଛି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡିଶୀ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ ଓ ଆଧୁନିକ ସଙ୍ଗୀତରେ କଣ୍ଠଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି...**

ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ପ୍ରବଳ ଆଗ୍ରହ ଥିଲା। ସ୍କୁଲ ବୟସରୁ ସେ ଆକଶବାଣୀ କଟକ କେନ୍ଦ୍ରରେ ଯୋଗଦେଇଥିଲେ। ଆଜକୁ ଦୀର୍ଘ ୫ଦଶନ୍ଧି ଧରି ତାଙ୍କର ସଂଗୀତ ସାଧନା ଜାରି ରହିଛି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଓଡିଶୀ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ ଓ ଆଧୁନିକ ସଙ୍ଗୀତରେ କଣ୍ଠଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଯେଉଁଥିପାଇଁ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ କଣ୍ଠଶିଳ୍ପୀ **ବନ୍ଦିତା ରାୟ**। ଜନ୍ମ ୧୯୬୮ମସିହାରେ। ପିତା ପ୍ରଫୁଲ୍ଲ କୁମାର ରାୟ ଓ ମାତା ନିର୍ମଳା ରାୟ। ଘର ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ଅଧୀନ ବଛଦା ଗାଁରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରରେ। ସେ କୁହନ୍ତି,'ଏକ କଳାସଂସ୍କୃତି ସମ୍ପନ୍ନ ପରିବାରରେ ମୋର ଜନ୍ମ। ମୋ ବାପା ସଂଗୀତ ଓ ନାଟକ ପ୍ରତି ଖୁବ୍ ଆଗ୍ରହୀ ଥିବାରୁ, ବେହେଲା ବାଦନ ଶିକ୍ଷା କରି ଆକାଶବାଣୀ କଟକର ସ୍ୱୀକୃତିପ୍ରାପ୍ତ କଳାକାର ହୋଇପାରିଥିଲେ। ସେ ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ ରେଜିଷ୍ଟ୍ରାର ପଦବୀରେ ନିଷ୍ଠାର ସହ କାର୍ଯ୍ୟରତ ଥାଇ ମଧ୍ୟ ଚାକିରି ଓ ପରିବାରର କର୍ତ୍ତବ୍ୟ ସମ୍ପାଦନ ପରେ ଯାହା ସମୟ ପାଆନ୍ତି, ବେହେଲା ବାଦନ କରନ୍ତି। ସୁଯୋଗ ପାଇଲେ ସଙ୍ଗୀତ ଆସର ମାନଙ୍କରେ ଯୋଗଦିଅନ୍ତି। ମୋର ଦୁଇଭାଇ ଓ ଆମେଦୁଇ ଭଉଣୀ। ମୋର ପଞ୍ଚବର୍ଷ ବୟସରୁ ସଙ୍ଗୀତ ଶିକ୍ଷା ଆରମ୍ଭ ହୋଇଥିଲା। ଏମିତିରେ ମୋର ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ସହିତ ସଙ୍ଗୀତ ଉପାସନା ଆରମ୍ଭ ହୋଇଥିଲା। ଗୁରୁ ସ୍ୱର୍ଗତ ପଶ୍ଚିମେଶ୍ୱର ଜେନାଙ୍କଠାରୁ ଓଡ଼ିଶୀ ସଙ୍ଗୀତ ଏବଂ ଗୁରୁ ସ୍ୱର୍ଗତ ଗୋବିନ୍ଦ ମହାନ୍ତିଙ୍କଠାରୁ ହିନ୍ଦୁସ୍ତାନୀ ସଙ୍ଗୀତ ଶିଖିବାର ବ୍ୟବସ୍ଥା କରାଯାଇଥିଲା। ସମୟକ୍ରମେ ଗୁରୁ ସ୍ୱର୍ଗତ ଦୀପକ କୁମାର ବସୁଙ୍କ(ଗ୍ୱାଲିୟର ଘରାନା) ନିକଟରେ ହିନ୍ଦୁସ୍ତାନୀ ସଙ୍ଗୀତରେ ପାରଦର୍ଶିତା ଲାଭ କରିଥିଲି। କିନ୍ତୁ ମୋ ବାପାଙ୍କ ପ୍ରଚେଷ୍ଟା ଓ ପ୍ରୋତ୍ସାହନ ଦ୍ୱାରା ବାଲ୍ୟକାଳରେ ଆକାଶବାଣୀ କଟକ ପ୍ରାୟୋଜିତ ଲୋକପ୍ରିୟ ଶିଶୁ ସଂସାରରେ ଗାଇବାର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ଅନେକ ସଂଗୀତ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲି। ୧୯୮୪ମସିହାରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଆକାଶବାଣୀ କଟକ ବେତାର କେନ୍ଦ୍ରରେ ପରୀକ୍ଷା ଦେଇ 'ବି' ହାଇଗ୍ରେଡ୍ ଲାଭ କରି ରେଡିଓ ଓ ଦୂରଦର୍ଶନରେ ନିୟମିତ ଗାଇବାର ସୁଯୋଗ ପାଇଲି। ୧୯୯୫ରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ରାଜ୍ୟ ବାହାରେ ହିନ୍ଦୁସ୍ତାନୀ ସଂଗୀତରେ ଗବେଷଣା ଓ ଅନୁଶୀଳନ ପାଇଁ ଫେଲୋଶିପ୍ ପ୍ରାପ୍ତକରି ପୁଣେରେ ସ୍ୱର୍ଗତ ପଣ୍ଡିତ ମଧୁସୂଦନ ରାଓ ପଟ୍ଟବର୍ଦ୍ଧନଙ୍କ ତତ୍ତ୍ୱାବଧାନରେ ଗବେଷଣା ଓ ଅନୁଶୀଳନ ନିର୍ଦ୍ଧାରିତ ସମୟରେ ସମାପ୍ତ କଲି।

ସେ ବିଗତ ପାଞ୍ଚ ଦଶକରେ ଆକାଶବାଣୀ, ଦୂରଦର୍ଶନ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ରାଜ୍ୟ ସଂସ୍କୃତି ବିଭାଗ, ଭୁବନେଶ୍ୱର ମ୍ୟୁଜିକ ସର୍କଲ, ଗୀତିକବି ସମାଜ ଓ ଅନ୍ୟାନ୍ୟ ବିଭିନ୍ନ ମଞ୍ଚରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ, ଓଡ଼ିଶୀ, ଭକ୍ତି ସଙ୍ଗୀତ, ସୁଗମ ସଙ୍ଗୀତ ଓ ଆଧୁନିକ ସଙ୍ଗୀତ ଗାୟନ କରିବା ସଙ୍ଗେ ସଙ୍ଗେ ଅନେକ ରେକର୍ଡ କରିଥିବା କ୍ୟାସେଟ, ସିଡି ଓ ବର୍ତ୍ତମାନ ସମୟରେ ୟୁ ଟ୍ୟୁବ୍‌ରେ ଗାୟନ ପରିବେଷଣ କରି ଲୋକାଦୃତ ହୋଇ ଆସୁଛନ୍ତି। କଟକ ଆକାଶବାଣୀ କେନ୍ଦ୍ରରୁ ପ୍ରଚାରିତ ବନ୍ଦନା, ରାଗମଞ୍ଜରୀ, ଅତସୀକୁସୁମ, ଅଞ୍ଜଳି, ସଜଫୁଲ ଆଦି କାର୍ଯ୍ୟକ୍ରମରେ ସେ ପରିବେଷଣ କରିଥିବା ସଙ୍ଗୀତଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇଛି। ୨୦୦୮ମସିହାରେ ରାଜାରାଣୀ ସଙ୍ଗୀତ ସମାରୋହରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ। ବର୍ତ୍ତମାନ ସେ ଆକାଶବାଣୀ ଓ ଦୂରଦର୍ଶନର 'ଏ' ଗ୍ରେଡ୍ କଣ୍ଠଶିଳ୍ପୀ। ଦୀର୍ଘ ପଚାଶ ବର୍ଷର ସଙ୍ଗୀତ ସାଧନାରେ ଆକାଶବାଣୀ କଟକ ଓ ଦୂରଦର୍ଶନ ଭୁବନେଶ୍ୱର କେନ୍ଦ୍ରରେ ପ୍ରଚାରିତ ଅନେକ ବିଶେଷ କଣ୍ଠସଂଗୀତ କାର୍ଯ୍ୟକ୍ରମରେ ବହୁ ପ୍ରତିଭାଶାଳୀ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଏବଂ ଗୀତିକାର ମାନଙ୍କର ଗୀତଗୁଡ଼ିକୁ ଗାଇ ଲୋକପ୍ରିୟତା ଅର୍ଜନ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଯଥା ଦିଲ୍ଲୀ, ବାଙ୍ଗାଲୋର, ତିରୁପତି, ପଣ୍ଡିଚେରୀ ଏବଂ ବିଦେଶରେ ଯେମିତିକି ଓମାନ ଓ ମାଲେସିଆରେ ଆଦି ସ୍ଥାନରେ ସଙ୍ଗୀତ ପରିବେଷଣ କରି ବେଶ୍ ଲୋକପ୍ରିୟତା ସାଉଁଟିଛନ୍ତି। ସଙ୍ଗୀତ ସାଧନା ପାଇଁ ତାଙ୍କୁ ମିଳିଥିବା ବିଭିନ୍ନ ସମ୍ମାନ ମଧ୍ୟରେ ରହିଛି – ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ସଂଗୀତ ପାଲୁସ୍କାର ସମ୍ମାନ, ନୀଳକଣ୍ଠେଶ୍ୱର ସମ୍ମାନ, ଶ୍ରଦ୍ଧା ସବୁରି ସମ୍ମାନ, କଳାବତୀ ସମ୍ମାନ, ସୁନାବେଶ ସମ୍ମାନ, ପଣ୍ଡିତ ଜେ. ଭି.ଏସ. ରାଓ ସମ୍ମାନ, ସୁନନ୍ଦା ସମ୍ମାନ, ଶ୍ରୀଜଗନ୍ନାଥ ସମ୍ମାନ ଓ ଗୁରୁ ରାମହରି ସମ୍ମାନ,ସ୍ମାର୍ଟ ସମ୍ମାନ ଆଦି। ବନ୍ଦିତା କେବଳ ସଙ୍ଗୀତ ସାଧନା କରନ୍ତି ନାହିଁ, ଶିକ୍ଷାଦାନ ମଧ୍ୟ କରନ୍ତି।




୧୯୯୮ରୁ ମାତୃଭବନ କଳାକେନ୍ଦ୍ର, କଟକ, ୨୦୦୫ରୁ ସାଆନ୍ତ ସାହି, କଟକସ୍ଥିତ ବିଶ୍ୱନାଥ ସଙ୍ଗୀତାଳୟରେ ରବିବାର ଦିନ ସଙ୍ଗୀତ ଶିକ୍ଷାଦାନ କରି ଆସୁଛନ୍ତି। ୨୦୧୭ମସିହାରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ସେ ପ୍ରତି ମାସରେ ଚାରିଦିନ ଆମେରିକାରେ ବାସ କରିଥିବା ଭାରତୀୟ ପ୍ରବାସୀ ଝିଅମାନଙ୍କୁ ସଙ୍ଗୀତ ଶିକ୍ଷାଦାନ କରିଥାନ୍ତି । ସଙ୍ଗୀତ ତାଙ୍କ ଜୀବନକୁ ସାର୍ଥକ କରିଛି ବୋଲି ତାଙ୍କର ମତ। ଏହି କ୍ଷେତ୍ରରେ ତାଙ୍କର ସଫଳତା ପାଇଁ ସେ ପିତା, ମାତା, ଗୁରୁ, ଭାଇ,ଭଉଣୀ, ଗୁଣମୁଗ୍ଧ ଶ୍ରୋତା ଓ ସ୍ୱାମୀଙ୍କ ନିକଟରେ ଚିର କୃତଜ୍ଞ ବୋଲି ମତପ୍ରକାଶ କରିଛନ୍ତି ।

–ବନବିହାରୀ ବେହେରା







# ଖେଳ

**-ମାନମୟୀ ରଥ**

ଶନିବାର ଖରାବେଳ। ଟିଭିରେ ଉଚ୍ଚା ଭଲ୍ୟୁମ୍‌ରେ ଚାଲିଛି କ୍ରାଇମ୍ ପେଟ୍ରୋଲ। ରହସ୍ୟ ଭିତରକୁ ଭିଡି ହୋଇଯାଉଛି ଖଟ ଉପରେ ପଡିଥିବା ତାର ହାଲିଆ ମନ। ପିଲାଙ୍କ ସହ ପିଲା ହୋଇ ଲଗାତର ଚାରିଘଣ୍ଟା ପଡ଼ିଆରେ ଠିଆ ଠିଆ ଖେଳେଇବାକୁ ପଡିଥିଲା ବିଭିନ୍ନ ଶ୍ରେଣୀର ପିଲାଙ୍କୁ, ସେହି କ୍ଳାନ୍ତି ଦେହରେ। ହଠାତ୍ ଘର ଭିତରକୁ ପଶି ଆସିଲା ମଣି। 'ଦିଦି, ଆସନ୍ତୁ ଟିକେ ବାରିପଟକୁ ଶୀଘ୍ର।' ସେ ଧଡପଡ ହୋଇ ଉଠି ବସିଲା ଖଟରୁ। 'କାହିଁ, କ'ଣ ହେଲା କି କେଉଁଠି?' ଏକାବେଳକେ ତିନି ତିନିଟା ପ୍ରଶ୍ନ। ନାଇଁ ଦିଦି କିଛି ନୁହେଁ। ଶୁଭ ଜିନିଷଟେ ଦେଖେଇବାକୁ ଡାକୁଥିଲି। ସେମିତି ବସିରହି ତାକୁ ଚାହିଁଲା ସେ। ଶୀଘ୍ର ଯାଉ ମଣି। ଏପଟେ ତା' ଦେଖା ଅଦେଖାକୁ ଖାତିର ନ କରି ଖୋଲିଯିବ ରହସ୍ୟର ପେଡି ଟିଭି ସିରିଏଲରେ। 'କହୁନୁ କ'ଣ ଦେଖେଇବୁ? 'ଟିକିଏ ବିରକ୍ତି ଥିଲା ତା' ଗଳାରେ।' 'ବାରିରେ ଖେଳୁଛନ୍ତି ନାଗଢମଣା। ଆମ କୂଅ ଚାନ୍ଦିନୀ ଉପରେ ଦେଖିଲେ ଭାରି ଶୁଭ ଦିଦି ତୁମ ପାଇଁ। ଛୁଆପିଲା ହୁଅନ୍ତି ଦେଖିଲେ।' ମନ ଖରାପ ହୋଇଗଲା ତା'ର। ଚଉଦ ବର୍ଷରେ କାହିଁ କେତେ ଲଢେଇ କରି ବନବାସର ସମୟ କାଟି ରାମ ଅଯୋଧ୍ୟାକୁ ଫେରି ରାଜା ହେଲେ। ସାତଖଣ୍ଡ ରାମାୟଣ ଲେଖା ହୋଇଗଲା। ହେଲେ ଚଉଦ ବର୍ଷ କାଳ ମାଆଟିଏ ହେବାର ବିକଳ ଯନ୍ତ୍ରଣାରୁ ଅଦୃଷ୍ଟ ମୁକାଳିପାରିଲା ନାହିଁ ତାକୁ। କେତେ କେତେ ଡାକ୍ତର, ଆଧୁନିକ ଚିକିତ୍ସା ପଦ୍ଧତି, ପୂଜା ପାଠ, ଜଡିବୁଟି କିଛି କାମ କଲାନି। କେବଳ ଅର୍ଥଶ୍ରାଦ୍ଧ, ମାନସିକ ଚାପ, ଶରୀର ପୀଡ଼ା ଏବଂ ଆଦୌ ଏଡେଇ ହୋଇପାରୁ ନ ଥିବା ନିପାରିଲାପଣର ଦୁଃଖ। ପିଲାଟିଏ ନାହିଁ ମାନେ ତୁମର ସଂସାର ନାହିଁ, ତୁମ ଭବିଷ୍ୟତ ନାହିଁ। କେତେ ପ୍ରଶ୍ନ, କେତେ ଅପମାନ, କେତେ ସନ୍ଦେହ ଓ ଦୋଷୀପଣକୁ ବିବାହର ଚଉଦ ବର୍ଷ ପରେ ଏକପାଖିଆ କରି ଦିନେ ଘୋଷଣା କରିଥିଲା ସେ,' ପିଲାଟେ ପାଇଁ ମୁଁ ଏଣିକି କିଛି ବି କରିବି ନାହିଁ। ଚାରି ଚାରିଟା ସର୍ଜରି ହୋଇସାରିଲାଣି ମୋ ପେଟରେ। ନାହିଁ ନ ଥିବା ଇଞ୍ଜେକ୍ସନ, ମେଡିସିନ ଖାଇ କେତେ କେତେ ସମସ୍ୟା ତିଆରି ହୋଇଗଲାଣି ଦେହ ଭିତରର ମେଶିନରେ। ପ୍ରତିମାସରେ ଦୁଇ ତିନିଥର ଡାକ୍ତରଖାନାର ଭିଡରେ ନିଜକୁ ଏଣିକି ଖୋଜିପାରିବିନି। ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା ଭଳି ଏଚ୍‌ଏସ୍‌ଜି, ଏଣ୍ଡୋମେଟ୍ରିଆଲ ବାୟୋପ୍ସି, ଫଲିକୁଲାର, ଲାପ୍ରୋସ୍କୋପି ଭଳି ଟେଷ୍ଟର ଯନ୍ତ୍ରଣା ଆଉ ଭୋଗିପାରିବିନି। ପ୍ରତିମାସରେ ଉତ୍କଣ୍ଠା, ଆଶଙ୍କାକୁ ଧରି ପ୍ରେଗନାନ୍ସି ଟେଷ୍ଟ କିଟ୍ ଆଣି ହତାଶା, ଲୁହରେ ଫାଟିପାରିବିନି। ଯିଏ ଆଦୌ ନ ଆସି ଚଉଦ ବର୍ଷ କାଳ ମୋତେ ନୟାନ୍ତ କଲାଣି ସେ ଆସିଲା ପରେ ସୁଖ ସବୁ ଅଜାଡ଼ି ଦେବ? ବଂଶ ରକ୍ଷା ପାଇଁ ଛୁଆପିଲା ଏତେ ଦରକାର ଯଦି ଅଶୋକ ବାହା ହୋଇଯାଆନ୍ତୁ। ମୁଁ ବାହାରିଯିବି ଘରୁ। ଯଦି ରହିବି, କେହି କିଛି କହିବେନି ଏଣିକି ମୋତେ ଏହି ସମ୍ପର୍କରେ। ହତଚକିତ ହୋଇଥିଲେ ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ବନ୍ଧୁବାନ୍ଧବ, ଗାଁ ଲୋକ। କି ଅଭିଲା କଥା। ମାସିକିଆ ହେଉଛି ମାନେ ଆଶାଟେ ଗଜୁରେଇ ଦୁଃଖ ଗଛରେ ଲାଖିଛି। ବୁଝିଥିଲେ ଅଶୋକ। ଅଧିକନ୍ତୁ ତା'ର କ୍ଷୋଭ ଓ ଅସହାୟତାକୁ ସମ୍ଭାଳି ନେଇଥିଲେ ପ୍ରେମରେ। କେହି କିଛି କହିବେନି ମାମିନାକୁ। ନ ହେଲେ ବାଧ୍ୟ ହୋଇ ଘରୁ ଅଲଗା ରହିବୁ ଆମେ ଦୁହେଁ। ସତସତିକା ତୁନି ପଡ଼ିଥିଲେ ତା' ପରଠାରୁ ଘରଲୋକେ ସମସ୍ତେ। ଆଜି ଆସି ମଣି ଡାକୁଛି। ନାଗଢମଣା ଖେଳ ଦେଖିଲେ ଛୁଆଟେ ଜିଇଁଯିବ ତା'ର ଛିଣ୍ଡା ଜରାୟୁରେ! 'ଯାଇପାରିବିନି।' ସେ କହିଲା ଦୃଢ଼ କଣ୍ଠରେ। 'ଦେଖ ଯାଇ ସାପ ଯେମିତି ଘରେ ନ ପଶେ।' ସେ ଟିଭି ଆଡକୁ ମୁହଁ ବୁଲେଇଲା। ଅଳ୍ପ ଅସନ୍ତୋଷ ନେଇ ମଣି ଫେରିଯିବାର କିଛି ସମୟ ପରେ କାନ୍ଦର ଗୋଟେ ହଇଚଇ ଶୁଭିଲା ବାହାରୁ – ତା' ଘର ନିକଟରୁ। ବାଧ୍ୟ ହୋଇ ଉଠିଲା ସେ। ପାଟି ତୁଣ୍ଡ ଦୌଡାଦୌଡ଼ିରୁ ଜାଣିଗଲା ଯେ, ମଣିର ଏକମାତ୍ର ବାଳୁଙ୍ଗା ପୁଅ ଜଗାକୁ ନାଗସାପ ଦେଇଛି ଚୋଟେ। ଖେଳ ଭାଙ୍ଗି ଫେରି ଯାଉଥିବା ନାଗ ସାପକୁ ଟାଣି ଆଣି ପୁଣି ଖେଳିବାକୁ ବାଧ୍ୟ କରୁଥିବାର କରୁଣ ପରିଣତି। ବାହୁନା ପକାଉଥିଲା ମଣି। ସାପ ଖେଳୁଥିବା ଜାଗାରେ ପଡିଥିଲା କିଛି ଫୁଲ, ଇଡ଼ି ଯାଇଥିଲା ଗିନା ଗୋଟାକରୁ କ୍ଷୀର। ଲୋକ ଗହଳି ଦେଖି ପ୍ରାଣୀଦୁଇଟି ପ୍ରାଣଭୟରେ ଖସି ପଳେଇ ଯାଉଥିଲାବେଳେ ଘଟିଛି ଅଘଟଣଟି। ରାତିକି ଖବର ଆସିଲା ଜଗା ଆଉ ନାହିଁ।

*-ସେଣ୍ଟ ଜାଭିୟର କିଡ୍ସ, ବାଲିପୁଟ ପୁରୀ*
*ମୋ: ୭୯୭୮୫୭୯୩୯୯*

# ସେଇ ଦୁଇଟି

**-ସ୍ମୃତି ରଞ୍ଜନ ତ୍ରିପାଠୀ**

**ଏକ**

ହଁ ମୁଁ ନୁହେଁ, ମୋ ଭଳି ଅନେକ ଏମିତି
ଗାର କାଟି ସାରିଛନ୍ତି
ଆୟୁଷ ଆତ୍ମାର ଦୀର୍ଘ ଛାତିରେ
ଛାଇ ଚଉଡା ମାପିବାକୁ
ଆମେ କିଏ ଯେ..

**ଦୁଇ**

ଭଲ ହେଲା
ସନା ସାହୁ ପୁଅ ଫେରି ଆଇଚି
ହାକିମ ହେଇଚି
ଘରେ କି ମଗଜରେ ନୁହେଁ
କାତି ଛାଡ଼ିଛି, ପଞ୍ଚାୟତ ଘରେ
ଆଇଲା ଦିନଠୁ ଖୋଜ ଖବର ନାହିଁ
ଦିନା ମଉସା ସନା ଭଳି
ସବୁ ସମୟ ମଥା ପିଟୁଛନ୍ତି
ସମୟ ଉପକଣ୍ଠର ଶେଷ ସବାରୀରେ..
ଚିଲ ଶାଗୁଣା ନୂଆ କୁଜି କଙ୍କ ପଥର
ତୁଠ ଅପେକ୍ଷାରେ
ଘଷି ମାଜି ହେବା ପାଇଁ..

*-ଜଟଣୀ, ଖୋର୍ଦ୍ଧା , ମୋ: ୯୪୩୮୩୧୫୩୮୧*



## ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରରୁ କୋରିଓଗ୍ରାଫର


ପ୍ରଭୁଦେବା

ପ୍ରଭୁଦେବା-କେବଳ ନାମ ହିଁ ଯଥେଷ୍ଟ। କୋରିଓଗ୍ରାଫି କ୍ଷେତ୍ରରେ ତାଙ୍କର ବେଶ୍ ଅବଦାନ ରହିଛି। କେବଳ ସେତିକି ନୁହେଁ ତାଙ୍କର ଏହି ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ବି କରାଯାଇଛି। ସେ ଏକାଧାରରେ ଜଣେ କୋରିଓଗ୍ରାଫର, ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଅଭିନେତା। ପ୍ରଭୁଦେବା ପ୍ରଥମେ ଜଣେ ଅଭିନେତା ଭାବରେ ତାମିଲ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ। 'ମୌନା ରାଗମ' (୧୯୮୬) ନାମକ ତାମିଲ ଫିଲ୍ମର ଏକ ଗୀତ 'ପାନିଭିଜୁମ୍ ଇରାଭୁ'ରେ ସେ ବଂଶୀ ବଜାଉଥିବା ଜଣେ ବାଳକ ଭୂମିକାରେ ଅଭିନୟ କରିଥିଲେ। ଏହାର ଦୁଇ ବର୍ଷ ପରେ ସେ 'ଅଗ୍ନି ନାଟଚରିତ୍ରମ' ଫିଲ୍ମରେ ଜଣେ ବ୍ୟାକ୍‌ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ସତେଯେମିତି ଏଠାରେ ସୁଯୋଗ ତାଙ୍କୁ ଅପେକ୍ଷା କରିଥିଲା। ୧୯୮୯ରେ 'ଭେଟ୍ରି ଭିଜା' ଫିଲ୍ମରୁ ସେ ଆରମ୍ଭ କରିଥିଲେ ନିଜର କୋରିଓଗ୍ରାଫି କ୍ୟାରିୟର। ବାସ୍, ତା' ପରେ ଯାହା ଘଟିଥିଲା ତାହା ଇତିହାସ। ପରବର୍ତ୍ତୀ ସମୟରେ ସଫଳତା ତାଙ୍କୁ ଜଣେ ନାମୀ କୋରିଓଗ୍ରାଫର ଭାବରେ ଛିଡା କରାଇ ପାରିଲା। ଏପରିକି କୋରିଓଗ୍ରାଫି ପାଇଁ ତାଙ୍କର ଅବଦାନକୁ ଯେତେ ପ୍ରଶଂସା କରାଯିବ ତାହା କମ୍ ହେବ। ଦୀର୍ଘ ୩୪ ବର୍ଷ ଧରି ସେ ନିଜ ପେଶା ସହ ଜଡିତ ଅଛନ୍ତି। ଆଉ ଏକ ଖାସ୍ କଥା, ପ୍ରଭୁଦେବାଙ୍କ ବାପା ମୁଗୁର ସୁନ୍ଦର ଦକ୍ଷିଣ ଭାରତୀୟ ସିନେମାର ଜଣେ ନାମୀ କୋରିଓଗ୍ରାଫର ଥିଲେ। ତେଣୁ ପ୍ରଭୁଦେବା ପିଲାଟି ଦିନରୁ ବିଭିନ୍ନ କ୍ଲାସିକାଲ ଡ୍ୟାନ୍ସ ଏପରିକି ଭାରତନାଟ୍ୟମ ଶିଖିଥିଲେ। ପରବର୍ତ୍ତୀ ସମୟରେ ସେ ପାଶ୍ଚାତ୍ୟ ନୃତ୍ୟରେ ମଧ୍ୟ ଦକ୍ଷତା ଅର୍ଜନ କରିବାରେ ସକ୍ଷମ ହୋଇଥିଲେ।

## କବିତା ଉପାଖ୍ୟାନ


ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଯୁଆଡେ ଯାଉଛନ୍ତି ଗୋଟିଏ ଜିନିଷ ଉପରେ ବ୍ୟାଖ୍ୟା କରିବାକୁ ଭୁଲୁ ନାହାନ୍ତି। ହେଲେ ଜିନିଷଟା ଏମିତି କ'ଣ ଯେ, ତାକୁ ସେ ଏତେ ଭାଇରାଲ କରୁଛନ୍ତି ? କଥା କ'ଣ କି କେବଳ ଅଭିନୟ ନୁହେଁ ସାରାଙ୍କର ଆଉ ଏକ କ୍ଷେତ୍ରରେ ବି ଦକ୍ଷତା ରହିଛି। ତାହା ହେଲା କବିତା ଲେଖିବା। ପାଠ ପଢ଼ିବା ସମୟରୁ ତାଙ୍କ ମନରେ କବିତା ଲେଖିବା କଥା ଉଙ୍କି ମାରିଥିଲା। ଆଉ କିଛିଟା ଚେଷ୍ଟା କରିବା ପରେ ସେଥିରେ ସେ ସଫଳ ହେଲେ। ଏବେ ବି ସେହି ଧାରାକୁ ସେ ଜାରି ରଖିଛନ୍ତି। ଯୁଆଡେ ଗଲେ ଯଦି କିଛି ସାଙ୍ଗ ଭେଟ ହୋଇଗଲେ ତେବେ ନିଜ କବିତାରୁ ଦୁଇ ଧାଡି ଶୁଣାଇବାକୁ ଭୁଲୁ ନାହାନ୍ତି ଏହି ଅଭିନେତ୍ରୀ। ଏ ବିଷୟରେ ସାରା କହନ୍ତି, ''କବିତା ଲେଖି ଅନ୍ୟମାନଙ୍କୁ ପଢ଼ି ଶୁଣାଇବାରେ ନିଆରା ମଜା ରହିଛି। ମୁଁ ଯେତେବେଳେ କୌଣସି ବିଷୟବସ୍ତୁକୁ ନେଇ କବିତା ଲେଖେ, ସେତେବେଳେ ତାକୁ ନିଜେ ପ୍ରଥମେ ଭଲ ଭାବରେ ପଢ଼େ। ମୋର ଏଭଳି କେତେଜଣ ସାଙ୍ଗ ଅଛନ୍ତି ଯେଉଁମାନେ ମୋତେ କବିତା ଲେଖିବାକୁ ଅନୁରୋଧ କରନ୍ତି।'' ପାଠ ପଢ଼ାରେ ମଧ୍ୟ ପଛରେ ନାହାନ୍ତି ସାରା। ନ୍ୟୁୟର୍କସ୍ଥିତ କଲମ୍ବିଆ ୟୁନିଭର୍ସିଟିରୁ ସେ ରାଜନୀତି ବିଜ୍ଞାନ ଏବଂ ଇତିହାସରେ ଡିଗ୍ରୀ ହାସଲ କରିଛନ୍ତି। ଯେତେବେଳେ ସାରା ବଲିଉଡ୍‌ରେ ଏଣ୍ଟ୍ରି କଲେ ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କେଦାରନାଥ'। ଏଥିପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମେଇବାକୁ ପଡିଥିଲା। ସାରାଙ୍କ ଅଭିନୀତ 'ମେଟ୍ରୋ ଇନ୍ ଦିନୋ' ଚଳିତ ବର୍ଷ ଜୁଲାଇରେ ରିଲିଜ ହୋଇ ଭଲ ବିଜନେସ କରିଥିଲା।

## ଅମୀଷାଙ୍କ ହ୍ୟାଣ୍ଡବ୍ୟାଗ୍ ନିଶା


ଅମୀଷା

ଅମୀଷା ପଟେଲଙ୍କର ଏକ ଅଜବ ନିଶା ରହିଛି। ତାହା ହେଲା ହ୍ୟାଣ୍ଡବ୍ୟାଗ କିଣିବା। ପାଠ ପଢ଼ିବା ସମୟରୁ ତାଙ୍କର ଏଭଳି ଅଭ୍ୟାସ ରହିଆସିଛି। ଏବେ ବି ଯଦି ବଜାରରେ କୌଣସି ବ୍ରାଣ୍ଡର ନୂଆ ହ୍ୟାଣ୍ଡବ୍ୟାଗ୍ ମିଳେ ତାହାକୁ ସେ ସାଙ୍ଗେ ସାଙ୍ଗେ କିଣିବାକୁ ଭୁଲି ନ ଥାନ୍ତି। ଏ ନେଇ ଅମୀଷା କୁହନ୍ତି, ''ସତ କଥା ହେଲା, ସ୍କୁଲରେ ପଢ଼ିବା ଦିନଠାରୁ ମୋର ହ୍ୟାଣ୍ଡବ୍ୟାଗ୍ ପ୍ରତି ଦୁର୍ବଳତା ରହିଆସିଛି। ଏପରିକି ମୁଁ ଯେତେବେଳେ କଲେଜରେ ପଢ଼ିଲି ସେତେବେଳେ ଘରେ ପ୍ରାୟ ୪୦୦ ପ୍ରକାରର ହ୍ୟାଣ୍ଡବ୍ୟାଗ୍ କିଣି ରଖିଥିଲି। ଏବେ ମଧ୍ୟ ମୋର ଏହି ଅଭ୍ୟାସ ରହିଛି। ବିଶେଷଭାବରେ ବିଭିନ୍ନ ଡିଜାଇନ୍‌ର ହ୍ୟାଣ୍ଡବ୍ୟାଗ୍ ଦେଖିଲେ ସେଗୁଡିକୁ କିଣିବା ଲୋଭକୁ ମୁଁ ସମ୍ବରଣ କରିପାରି ନ ଥାଏ। ଏପରିକି ମୋ ସାଙ୍ଗମାନଙ୍କର କୌଣସି ଓକେଜନ୍‌ରେ ମୁଁ ଭଲ ଭଲ ଡିଜାଇନ୍‌ର ହ୍ୟାଣ୍ଡବ୍ୟାଗ୍ ଗିଫ୍ଟ ଆକାରରେ ଦେଇଥାଏ।'' ଅମୀଷା ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ରାକେଶ ରୋଶନଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ ଡେବ୍ୟୁ କରିବା କ'ଣ ଛୋଟିଆ କଥା। ଏହି ଫିଲ୍ମରୁ ରାକେଶଙ୍କ ପୁଅ ହ୍ରିତିକ ମଧ୍ୟ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ଚିତ୍ରଟି ବକ୍ସ ଅଫିସରେ ବ୍ଲକବଷ୍ଟର ସାବ୍ୟସ୍ତ ହେଇଥିଲା। ହେଲେ ଏହାର ସବୁ କ୍ରେଡିଟ୍ ହ୍ରିତିକଙ୍କ ସପକ୍ଷରେ ଯାଇଥିଲା। ପରବର୍ତ୍ତୀ ସମୟରେ ଅମୀଷା ସୁପରହିଟ୍ ଫିଲ୍ମ 'ଗଦର-ଏକ ପ୍ରେମ କଥା'ରେ ଅଭିନୟ କଲେ। ଆଉ ଏହାର ସବୁ ଶ୍ରେୟ ସନି ଦେଓଲ ନେଇଥିଲେ। ଅଭିନୟ କରିବା ପୂର୍ବରୁ ଅମୀଷା ଆମେରିକାରେ ବାୟୋ-ଜେନେଟିକ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଆଉ ଏକ ଖାସ୍ କଥା ହେଲା, ଅମୀଷା ଜଣେ ଭାରତନାଟ୍ୟମ ଡ୍ୟାନ୍ସର।

## ଯାହା ଭାବୁଥିଲେ ଝିଲିକ୍


ଝିଲିକ

କଥାରେ ଅଛି-ଏ ମନ ଭାବୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ସିନେମାଟି ନିର୍ମାଣ କରିବା ସମୟରେ ସେ ଯାହା ଭାବୁଥିଲେ ତାହା କିପରି ସତରେ ପରିଣତ ହୋଇଛି। ହଁ, ପ୍ରଯୋଜିକା ଝିଲିକ୍ ଭଟ୍ଟାଚାର୍ଯ୍ୟ ଏବେ ଏକ ନୂଆ ସିନେମା ନିର୍ମାଣ କରିଥିଲେ, ଯାହା ସଫଳତା ପରେ ସଫଳତା ହାସଲ କରିଚାଲିଛି। ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ଏବଂ ପୁରସ୍କାର ସାଉଁଟି ଚାଲିଛି। ଉକ୍ତ ଚଳଚ୍ଚିତ୍ରର ଶୀର୍ଷକ ରହିଛି 'ଲହରୀ'। ଖାସ୍ କଥା ହେଲା, ଫିଲ୍ମଟି ଚଳିତ ମାସ ୧୨ ତାରିଖରେ ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ଏ ନେଇ ଝିଲିକ୍ କହନ୍ତି, ''ଏହି ଫିଲ୍ମର କାହାଣୀ ଚୟନ ସମୟରେ ମୋର ହୃଦବୋଧ ହୋଇଥିଲା ଯେ, ଏହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଉ ସତରେ ବିଭିନ୍ନ ଫିଲ୍ମ ଫେଷ୍ଟିଭାଲରେ ଜୁରୀ ସଦସ୍ୟମାନେ ମୋ ସିନେମାକୁ ବେଶ୍ ପ୍ରଶଂସା କରିଛନ୍ତି। ଭବିଷ୍ୟତରେ ଏଭଳି ଆହୁରି ଭଲ କାହାଣୀକୁ ନେଇ ସିନେମା ନିର୍ମାଣ କରିବାକୁ ଏହା ମୋତେ ଅନୁପ୍ରାଣିତ କରିଛି। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଝିଲିକ ମୋସନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କିଶଳୟ ରୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି। ସୂଚନାଯୋଗ୍ୟ ଝିଲିକ୍‌ଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଟାର୍ଗେଟ'।


ପୂଜା

## ରହସ୍ୟ ଖୋଲିଲେ ପୂଜା

ଦକ୍ଷିଣ ଭାରତୀୟ ସିନେମାରେ ପୂଜା ହେଗଡେ ଜଣେ ବେଶ୍ ପରିଚିତା ଅଭିନେତ୍ରୀ। ତେଲୁଗୁ, ତାମିଲ ଏପରିକି କେତୋଟି ହିନ୍ଦୀ ସିନେମାରେ ମଧ୍ୟ ସେ ଅଭିନୟ କରିସାରିଲେଣି। ହେଲେ ତାଙ୍କର ଅଭିନେତ୍ରୀ ହେବା ପଛରେ ଏକ କାରଣ ରହିଛି। ଏହା ଉପରୁ ନିକଟରେ ସେ ପରଦା ହଟାଇଛନ୍ତି। ପିଲାଟି ଦିନରୁ ପୂଜାଙ୍କର ଡ୍ୟାନ୍ସ ପ୍ରତି ଆଗ୍ରହ ଥିଲା। ତେଣୁ ଭାରତନାଟ୍ୟମ ପରି ପାରମ୍ପରିକ ନୃତ୍ୟ ଶିଖିଲେ। ପରେ ତାଙ୍କର ମନ ଆଉ ଏକ ଦିଗ ପ୍ରତି ଢ଼ଳିଥିଲା। ସେହି ଦିଗଟି କ'ଣ ଜାଣିବେନି ? ଏ ନେଇ ପୂଜା କୁହନ୍ତି, ''ଭାରତନାଟ୍ୟମ ଶିଖୁଥିବା ସମୟରେ ଥରେ ମୋର ଜଣେ ସାଙ୍ଗ ମୋତେ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ। ଏ ନେଇ ମୁଁ ପାଖାପାଖି ସପ୍ତାହେ ଚିନ୍ତା କଲି। ତା'ପରେ ମନସ୍ଥ କଲି, ଯଦି ମୋତେ ବଡ ପରଦାରେ ଅଫର ମିଳେ ତେବେ ନିଶ୍ଚୟ ତାହାକୁ ଗ୍ରହଣ କରିବି। କାରଣ ଆକ୍ଟିଂ ଏକ ସହଜ କଳା ନୁହେଁ। ଏଥିରେ ଆଗେଇବାକୁ ଯଥେଷ୍ଟ ଧୈର୍ଯ୍ୟ ଏବଂ ପରିଶ୍ରମ କରିବାକୁ ପଡିବ। ବାସ୍, ଶେଷରେ ଠିକ୍ କଲି ଯେ ଅଭିନୟ କ୍ଷେତ୍ରରେ ନିଶ୍ଚୟ ପ୍ରବେଶ କରିବି। ମୋର ଏହି ଆଶା ୨୦୧୨ ମସିହାରେ ପୂରଣ ହୋଇଥିଲା। ମୋ ଅଭିନୀତ ପ୍ରଥମ ସିନେମା ଥିଲା ତାମିଲ ଫିଲ୍ମ 'ମୁଗାମୋଡି'। ପ୍ରଥମ ସିନେମାରେ ଅଭିନୟ କରିବା ପରେ ମୋର ଆତ୍ମବିଶ୍ୱାସ ଦୃଢ଼ ହୋଇଥିଲା। ଆଉ ଅଭିନୟ କରିବାରେ ମତେ ଅନେକ ସାହାଯ୍ୟ କରିଥିଲା ଭାରତନାଟ୍ୟମ। ୨୦୧୬ରେ ମୋତେ ପ୍ରଥମ ବଲିଉଡ୍‌ରେ ସୁଯୋଗ ମିଳିଲା। ଆଶୁତୋଷ ଗୋୱାରିକରଙ୍କ 'ମହେଞ୍ଜୋଦାରୋ'ରେ ମୁଁ ହ୍ରିତିକ ରୋଶନଙ୍କ ନାୟିକା ସାଜିଲି। ବାସ୍, ଏଇଠୁ ମୋ ଅଭିନୟ କ୍ୟାରିୟର ନୂଆ ମୋଡ ନେଇଥିଲା।'' ବର୍ତ୍ତମାନ ପୂଜାଙ୍କ ହାତରେ ଦୁଇଟି ହିନ୍ଦୀ ସିନେମାର ରହିଛି ଏବଂ ଏହାର ଶୁଟିଂ ସମାନ୍ତରାଳ ଭାବରେ ଚାଲୁ ରହିଛି।

## ଖୋଜିଲା ଚିଜ ମିଳିଗଲା...

ଜାହ୍ନବୀଙ୍କ ଖୁସି କହିଲେ ନ ସରେ। କାରଣ କ'ଣ ଜାଣନ୍ତି ? ସେ ଯେଉଁଭଳି ଏକ ଭୂମିକାରେ ଅଭିନୟ କରିବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ସିନେମାଟି ହେଲା 'ପରମ ସୁନ୍ଦରୀ'। ବର୍ତ୍ତମାନ ଏହା ରିଲିଜ ହୋଇ ବିଭିନ୍ନ ପେକ୍ଷାଳୟରେ ପ୍ରଦର୍ଶିତ ହେଉଛି। ଆଉ ଏହାର ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଜାହ୍ନବୀ କପୁର। ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା। ଏହି ଫିଲ୍ମ ବିଷୟରେ ଜାହ୍ନବୀ କହନ୍ତି, ''ମୋତେ ଏହି ଫିଲ୍ମରେ ଯେଉଁ ରୋଲ୍ (ଥେକ୍କେପଟ୍ଟୁ ସୁନ୍ଦରୀ ଦାମୋଦରନ୍ ପିଲ୍ଲଇ)ଟି ମିଳିଛି ତାହା ମୋତେ ଶତ ପ୍ରତିଶତ ଆତ୍ମସନ୍ତୁଷ୍ଟି ଦେଇଛି। କାରଣ ଏପରି ଏକ ଭୂମିକାରୁ ମୁଁ ଅନେକ କିଛି ଶିଖିପାରିଛି। ବିଶେଷଭାବରେ ଏଥିରେ ଥିବା କମେଡି ଫ୍ଲେଭର ମୋତେ ବେଶୀ ଇମ୍ପ୍ରେଶ କରିଛି। ଏହାର ଶୁଟିଂ ସମୟରେ କମେଡିକୁ ନେଇ ମୋ ମନରେ ଥିବା ବିଭିନ୍ନ ପ୍ରଶ୍ନର ସମାଧାନ ହୋଇଯାଇଥିଲା। ଆଉ ଏଥିରେ ମୋତେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଫିଲ୍ମର ନିର୍ଦ୍ଦେଶକ ତୁଷାର ଜଲୋଟା। ସତ କଥା ହେଲା ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ। ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା।'' ଏହି ଫିଲ୍ମରେ ସଞ୍ଜୟ କପୁର ଏକ ବିଶେଷ ଭୂମିକାରେ ଅଭିନୟ କରିଛନ୍ତି। ଦିନେଶ ବିଜନଙ୍କ ଦ୍ୱାରା ପ୍ରଯୋଜିତ ତଥା ୬୦କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ପ୍ରଥମ ସପ୍ତାହ ସୁଦ୍ଧା ୫୮କୋଟି ଆୟ କରିବାରେ ସକ୍ଷମ ହୋଇଛି।


'ପରମ ସୁନ୍ଦରୀ' ଫିଲ୍ମରେ ସିଦ୍ଧାର୍ଥ-ଜାହ୍ନବୀ

## ପ୍ରଥମ ରୋଜଗାର

# ପ୍ରଥମ ଦରମାକୁ ମା'ବାପାଙ୍କ ପାଦତଳେ ରଖି ମୁଣ୍ଡିଆ ମାରିଥିଲି



ସହକାରୀ ପ୍ରାଧ୍ୟାପକ **ମନୋଜ କୁମାର କର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଥା ଛଳରେ ଆମେ ଶୁଣିଛେ ପ୍ରଥମ ପ୍ରେମର ମହକ ସାରା ଜୀବନ ମନେ ରହିଥାଏ। ତାକୁ ଭୁଲି ହୁଏ ନାହିଁ ଜୀବନ ସାରା। ସେମିତି ସମସ୍ତଙ୍କର ଆଉ ଏକ ନିଆରା ଅନୁଭୂତି ଥାଏ, ତାହା ହେଉଛି ପ୍ରଥମ ରୋଜଗାର। ସେ ପୁରୁଷ ହୁଅନ୍ତୁ ବା ମହିଳା, ନିଜ ଜୀବନରେ କେତେ ଉପାର୍ଜନ କରନ୍ତି ଆଉ ସେଥିରୁ କେତେ ବ୍ୟୟ କରନ୍ତି ; ତା'ର ହିସାବ ହୁଏ ତ କେବେ ବି ରଖି ନ ଥିବେ। କିନ୍ତୁ ପ୍ରଥମ ରୋଜଗାର ଆଉ ତା'ର ଅନୁଭୂତି ପ୍ରଥମ ପ୍ରେମ ପରି ସମ୍ପୂର୍ଣ୍ଣ ନିଆରା। ତେଣୁ ଭୁଲି ହୁଏନି ଜମା। ଏଇ ପରିପ୍ରେକ୍ଷୀରେ ମୁଁ ମୋର ପ୍ରଥମ ରୋଜଗାରର ଅନୁଭୂତି ଏଠାରେ ଉଲ୍ଲେଖ କରିବାକୁ ଚାହୁଁଛି। ଯାନ୍ତ୍ରିକ ଅନୁଷ୍ଠାନରୁ ସ୍ନାତକ ସାରିବା ପରେ ୨୦୦୫ ମସିହାରେ ସେହି ଅନୁଷ୍ଠାନରେ ପ୍ରାଧ୍ୟାପକ ଭାବରେ ଯୋଗ ଦେଇଥିଲି ଗଜପତି ଜିଲାର ପାରଳାଖେମୁଣ୍ଡି ସହରରେ। ସେତେବେଳେ ମୋର ମାସିକ ଦରମା ଥିଲା ୮୦୦୦ ଟଙ୍କା। ମୁଁ ଯେତେବେଳେ ଘରୁ ଆସିଥିଲି, ବାପା ମୋତେ ପୂରା ମାସେ ଚଳିବା ପାଇଁ ସମସ୍ତ ଆବଶ୍ୟକ ସାମଗ୍ରୀ ସହ କିଛି ଟଙ୍କା ଦେଇଥିଲେ। କାରଣ ମାସ ଶେଷରେ ଦରମା ମିଳିବ। ସେତେବେଳ ଯାଏ ତ ଚଳିବାର ଅଛି ନା। ଘରେ ମୋର ମା', ବାପା ଆଉ ସାନ ଭାଇ ରୁହନ୍ତି। ସମସ୍ତଙ୍କ ପରି ମୋର ବି ପ୍ରଥମ ରୋଜଗାରକୁ ନେଇ ଅନେକ ଉତ୍କଣ୍ଠା ଥିଲା, କିନ୍ତୁ ପରେ ଜାଣିଲି କି ମୋଠୁ ଅଧିକ ଉତ୍କଣ୍ଠା ମା', ବାପା ଏବଂ ମୋ ସାନ ଭାଇର ରହିଥିଲା। ସେମାନଙ୍କ ମଧ୍ୟରେ ମୋତେ ନେଇ ଆଲୋଚନା ହେଉଥିଲା କି, ମୁଁ ପ୍ରଥମ ଦରମାକୁ କେମିତି ଖର୍ଚ୍ଚ କରିବି ବୋଲି। ସମସ୍ତଙ୍କର ମତ ମୋ ପାଇଁ ଭିନ୍ନ ଭିନ୍ନ ଥିଲା। ଯେପରି କି ସାନ ଭାଇର ମତ ଥିଲା, 'ଭାଇ ଆମ ସମସ୍ତଙ୍କ ପାଇଁ ନୂଆ ଲୁଗା ଆଉ ମିଠେଇ ଆଣିବେ।' ସେହିପରି ମା'ଙ୍କ ମତ ଥିଲା, 'ମୁଁ ମୋର ପ୍ରଥମ ଦରମାକୁ କୌଣସି ମନ୍ଦିରକୁ ପ୍ରଦାନ କରିବି।' ଆଉ ବାପା ଭାବିଥିଲେ କି, 'ମୁଁ ଯାହା ବି କରେ ଘର ପାଇଁ କିଛି ନୂଆ ସାମଗ୍ରୀ ନେଇ କି ଆସିବି।' ଏମିତି ସବୁ କଳ୍ପନାଜଳ୍ପନା ଭିତରେ ସେହିଦିନ ଆସିଗଲା ଯେବେ କି ମୁଁ ମୋର ପ୍ରଥମ ଦରମା ପାଇଲି। ଅବଶ୍ୟ ସେହି ଦରମାର ପରିମାଣ ବହୁତ କମ୍ ଥିଲା। କିନ୍ତୁ ସେଦିନର ସେହି ୮୦୦୦ ଟଙ୍କା ମୋ ପାଇଁ ୮ଲକ୍ଷଠାରୁ କିଛି କମ୍ ନ ଥିଲା। ସେଦିନର ଅନୁଭୂତିକୁ ମୁଁ ଶବ୍ଦରେ ପ୍ରକାଶ କରିପାରିବିନି, କାରଣ ତାହାକୁ ପ୍ରକାଶ କରିବା ପାଇଁ ମୋ ପାଖରେ ଭାଷା ହିଁ ନାହିଁ। ବାକି ରହିଲା ମୁଁ ସେହି ଟଙ୍କାକୁ କେମିତି କ'ଣ ଖର୍ଚ୍ଚ କରିଲି ? ଦରମା ମିଳିବା ଦିନ ମୁଁ ଛୁଟି ନେଇ ଘରେ ପହଞ୍ଚିଲି ଆଉ ପୂରା ଚୁପଚାପ୍ ରହିଥିଲି। ମୋତେ କେହି କିଛି ନ କହିଲେ ବି ମୁଁ ଠିକ୍ ଜାଣି ପାରୁଥିଲି ଯେ, ସମସ୍ତେ ମୋ ଉପରେ ନଜର ରଖିଛନ୍ତି ଆଉ ମୋର ଯୋଜନା କ'ଣ ଜାଣିବାକୁ ଅପେକ୍ଷା କରିଛନ୍ତି ବୋଲି। ସନ୍ଧ୍ୟାବେଳେ ବାପା ନିଜ କାର୍ଯ୍ୟାଳୟରୁ ଫେରିଲା ପରେ ମୁଁ ମା' ଆଉ ବାପାଙ୍କୁ ଡାକିଲି ଏବଂ ମୋର ପୂରା ଦରମାକୁ (କିଛି ଟଙ୍କା ଖର୍ଚ୍ଚ ହୋଇ ଆଉ ଯାହା ବଳିଥିଲା) ତାଙ୍କ ପାଦ ତଳେ ରଖି ମୁଣ୍ଡିଆ ମାରିଲି। ଏପରି କରିବି ବୋଲି ମୁଁ ଆଗରୁ ହିଁ ଭାବି ସାରିଥିଲି, କିନ୍ତୁ ମୋତେ ଜଣା ନ ଥିଲା କି ମୋର ଏଇ ଛୋଟ ପ୍ରୟାସ ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଦେବ ବୋଲି। ବାପା ଖୁସିରେ ମୋତେ ଆଲିଙ୍ଗନ ପୂର୍ବକ ଉଠାଇନେଲେ ଆଉ କହିଲେ, 'ଆମେ ଯାହା ସବୁ ଭାବିଥିଲୁ ତୁ ସେ ସବୁଠୁ ଉତ୍ତମ ଆଚରଣ ଦେଖାଇଲୁ।' ସେଦିନ ମା' ଆଉ ବାପାଙ୍କ ଆଖିରେ ଆସିଥିବା ଆନନ୍ଦଭରା ଲୁହ ଆଜି ବି ମୋ ଚକ୍ଷୁ ପଟଳରେ ପ୍ରତିଫଳିତ ହେଉଛି।

## ସାଥୀ



# ଅଜଣା ସାଥୀକୁ ପାହାନ୍ତି ରାତି, ମନରେ ଭରିଛି ପୀରତି ତାତି

**ପ୍ରଶ୍ନ**–ମୋ ମନ ରାଇଜରେ ଏବେ ଜଣେ ସୁନ୍ଦରୀ ଘର କରି ସାରିଛି। ହେଲେ ସେ କେବଳ ପାହାନ୍ତି ରାତି ସ୍ୱପ୍ନରେ ଆସୁଛି। ତାକୁ ଛାଡି ମୁଁ ବଞ୍ଚି ପାରିବି ନାହିଁ। କ'ଣ କରିବି ?

*–ପ୍ରଶାନ୍ତ କୁମାର ଦାସ, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କୁ ପ୍ରେମର ନିଶାଟା ପୁରାଦମ୍‌ରେ ଘାରିଛି। ପାହାନ୍ତା ରାତିରେ ଏହି ଟେମ୍ପରେଚର ଆହୁରି ବଢ଼ି ଯାଉଛି। ହେଲେ ଯାହା ପ୍ରେମରେ ପଡିଛନ୍ତି ତା' ବିଷୟରେ କିଛି ଜାଣିନାହାନ୍ତି। 'ଅଜଣା ସାଥୀକୁ ପାହାନ୍ତି ରାତି, ମନରେ ଭରିଛି ପୀରତି ତାତି'। ଏଭଳି ପ୍ରେମରେ ଆଶା ଅନେକ ଥାଏ ହେଲେ ସେଥିରୁ ଯେ କିଛି ଫଳ ମିଳିବ ଏଭଳି ଭାବିବା ମୂର୍ଖାମୀ ବ୍ୟତୀତ ଆଉ କିଛି ନୁହେଁ। ତେଣୁ ସେଭଳି ପ୍ରେମ ଉପରେ ଭରଷା ରଖିବା ଅପେକ୍ଷା ତାହାକୁ ଯେତେ ଶୀଘ୍ର ଭୁଲିଯିବେ ସେତେ ଭଲ।

**ପ୍ରଶ୍ନ**–ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

*–ସୁଶାନ୍ତ ଦାସ, ବଡବିଲ, କେନ୍ଦୁଝର*

**ଉତ୍ତର:** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ପୂର୍ଣ୍ଣଚନ୍ଦ୍ର ରାଉତ, ରାଉରକେଲା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡ଼ିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ତପନ ନନ୍ଦ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ?

*–ସୁମନ, ଅନୁଗୋଳ*

**ଉତ୍ତର:** ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢ଼ୁଛି। ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ। ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁଣି ଥରେ ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା। ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ହେଲେ ପୁଣି ଥରେ ଯଦି ସେ ଚଢ଼େଇ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

# ବାନ୍ଧେନୀ କୁର୍ତ୍ତା ପ୍ଲାଜୋ

**ବାନ୍ଧେନୀ ପ୍ରିଣ୍ଟ ହେଉଛି ଏମିତି ଏକ ପ୍ରିଣ୍ଟ ଯାହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ଏହି ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳେ। ବିଶେଷକରି ପୂଜାପାର୍ବଣ ସମୟରେ ବାନ୍ଧେନୀ ପ୍ରିଣ୍ଟର ଶାଢି, ସାଲୱାର, ଲେହେଙ୍ଗା ଏପରିକି କୁର୍ତ୍ତା-ପ୍ଲାଜୋ ପିନ୍ଧିଲେ ବି ଆକର୍ଷଣୀୟ ଫେଷ୍ଟିଭ୍ ଲୁକ୍ ମିଳିଥାଏ...**



**ଆ**ଉଟ୍ ଅଫ୍ ଫ୍ୟାଶନ ହେଉ ନ ଥିବା ଏକ ପ୍ରିଣ୍ଟ ହେଉଛି ବାନ୍ଧେନୀ। ଯାହାକୁ ଯେକୌଣସି ଅକେଜନ୍‌ରେ ପିନ୍ଧି ଝିଅମାନେ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ବିଭିନ୍ନ ରଙ୍ଗ, ଡିଜାଇନ୍ ଓ ଫ୍ୟାବ୍ରିକ୍‌ର ବାନ୍ଧେନୀ ଶାଢି, ସାଲୱାର, କୁର୍ତ୍ତା ଆଦି ଉପଲବ୍ଧ ହୋଇଥାଏ। ଏବେ ଫେଷ୍ଟିଭ୍ ସିଜନ୍‌ର ଆରମ୍ଭ। ଝିଅମାନେ ଚାହିଁଲେ ବାନ୍ଧେନୀର କୁର୍ତ୍ତା ପ୍ଲାଜୋ ପିନ୍ଧି ଆକର୍ଷକ ଲାଗି ପାରିବେ।

✲ **କଟନ୍ ବାନ୍ଧେନୀ କୁର୍ତ୍ତା ପ୍ଲାଜୋ:** ଏହି ଆଉଟ୍‌ଫିଟ୍ ପିନ୍ଧିବାକୁ ଯେମିତି କମ୍ଫଟେବଲ୍ ଲାଗେ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। କଟନ୍ ଫାବ୍ରିକ୍ ଯୋଗୁ ଘରୋଇ ଫଙ୍କସନ୍‌ରେ ପିନ୍ଧିଲେ ବି ଏହା ଖୁବ୍ ସୁନ୍ଦର ଲାଗିଥାଏ। ବିଶେଷକରି ଏବେର ଯୁବପିଢୀଙ୍କ ଭିତରେ ଲାଇଟ୍ ପିଙ୍କ୍ ହେଉକି ଲାଇଟ୍ ବ୍ଲୁ କଲର୍‌ର କଟନ୍ ବାନ୍ଧେନୀ କୁର୍ତ୍ତା ପ୍ଲାଜୋର ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳିଥାଏ।

✲ **ସିଲ୍କ ସିଫନ୍ ବାନ୍ଧେନୀ କୁର୍ତ୍ତା ପ୍ଲାଜୋ:** ଯେଉଁ ଯୁବତୀଙ୍କର ୟୁନିକ୍ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ସିଲ୍କ ଓ ସିଫନ୍ ମିଶା ଫାବ୍ରିକ୍‌ର ବାନ୍ଧେନୀ କୁର୍ତ୍ତା ପ୍ଲାଜୋ ଟ୍ରାଏ କରିପାରିବେ। ଆଉ ଷ୍ଟାଇଲିଶ୍ ଲୁକ୍ ପାଇଁ କୁର୍ତ୍ତାରେ ହଲ୍ଟର୍ ନେକ୍ ଡିଜାଇନ୍‌କୁ ମଧ୍ୟ ଫଲୋ କରିପାରିବେ। ଏହି ଆଉଟ୍‌ଫିଟ୍‌କୁ ସେମାନେ ଚାହିଁଲେ ଘରୋଇ ଫଙ୍କସନ୍ ହେଉକି ସାଙ୍ଗସାଥୀଙ୍କ ବାହାଘରରେ ପିନ୍ଧି ଆକର୍ଷଣୀୟ ଲୁକ୍ ପାଇପାରିବେ।

✲ **ମିରର୍ ୱାର୍କ କୁର୍ତ୍ତା ପ୍ଲାଜୋ:** ବାନ୍ଧେନୀ ପ୍ରିଣ୍ଟ ଏବଂ ତା'ସାଙ୍ଗକୁ ମିରର୍ ୱାର୍କ ହୋଇଥିବା କୁର୍ତ୍ତା ପ୍ଲାଜୋ ଆଖିକୁ ଯେମିତି ସୁନ୍ଦର ଦେଖାଯାଇଥାଏ ପିନ୍ଧିଲେ ବି ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ବିଶେଷକରି ଲାଇଟ୍ ଗ୍ରୀନ୍ କଲର୍ ଅଥବା ଲାଇଟ୍ ବ୍ଲୁ କଲର୍‌ରେ ଆସୁଥିବା ଏହି ଷ୍ଟାଇଲ୍‌ର ଆଉଟ୍‌ଫିଟ୍ ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହି ଆଉଟ୍‌ଫିଟ୍ ସାଙ୍ଗକୁ ଲଟକନ୍‌ବାଲା ଝୁମ୍‌କା ଏବଂ କର୍ଲି ହେୟାର୍ ଷ୍ଟାଇଲ୍ ଖୁବ୍ ସୁନ୍ଦର ମାନିଥାଏ।

✲ **ଡିପ୍ ଗ୍ରୀନ୍ ବାନ୍ଧେନୀ କୁର୍ତ୍ତା ପ୍ଲାଜୋ:** ରାତିରେ ହେଉଥିବା ଘରୋଇ ଫଙ୍କସନ୍ ହେଉକି ସାଙ୍ଗସାଥୀଙ୍କ ବାହାଘର ପାର୍ଟିକୁ ପିନ୍ଧିକି ଯିବା ପାଇଁ ଡିପ୍ ଗ୍ରୀନ୍ କଲର୍‌ର ବାନ୍ଧେନୀ କୁର୍ତ୍ତା ପ୍ଲାଜୋ ବେଷ୍ଟ ଅପ୍ସନ ହୋଇପାରେ। ଏହା ସାଙ୍ଗକୁ ମ୍ୟାଚିଂ ଜୁଏଲେରୀ ଏବଂ ମିଡ୍ ପାର୍ଟ ଓପନ୍ ହେୟାର୍ ଷ୍ଟାଇଲ୍ ବେଶ୍ ଷ୍ଟାଇଲିଶ୍ ଲାଗେ।

✲ **ସ୍କାଏ ବ୍ଲୁ ବାନ୍ଧେନୀ କୁର୍ତ୍ତା ପ୍ଲାଜୋ:** ଏହି କଲର୍‌ର ବାନ୍ଧେନୀ କୁର୍ତ୍ତା ପ୍ଲାଜୋ ବି ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ସାଙ୍ଗସାଥୀଙ୍କ ମ୍ୟାରେଜ୍ ପାର୍ଟି ହେଉକି ଫ୍ୟାମିଲି ଫଙ୍କସନ୍, ଏପରିକି ପୂଜାପାର୍ବଣ ସମୟରେ ବି ଝିଅମାନେ ଏହି ଟାଇପ୍‌ର ଆଉଟ୍‌ଫିଟ୍ ପିନ୍ଧି ଖୁବ୍ ସହଜରେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ପାଇପାରିବେ। ଏହା ସାଙ୍ଗକୁ ମ୍ୟାଚିଂ ଜୁଏଲେରୀ ଏବଂ ହାଇ ପୋନିଟେଲ୍ ହେୟାର୍ ଷ୍ଟାଇଲ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

✲ **ମେରୁନ୍ ବାନ୍ଧେନୀ କୁର୍ତ୍ତା ପ୍ଲାଜୋ:** ନାଲି ହେଉକି ମେରୁନ୍ ଅଥବା ପିଙ୍କ୍ କଲର୍‌ର ବାନ୍ଧେନୀ କୁର୍ତ୍ତା ପ୍ଲାଜୋ ଝିଅମାନଙ୍କୁ ଆକର୍ଷଣୀୟ ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଏହାସାଙ୍ଗକୁ ଗୋଲ୍ଡ ଜୁଏଲେରୀ ଏବଂ ଓପନ୍ ହେୟାର ଷ୍ଟାଇଲ୍ ଖୁବ୍ ସୁନ୍ଦର ଦେଖାଯାଏ।

କେବଳ ଏତିକି ନୁହେଁ, ଝିଅମାନେ ଚାହିଁଲେ ନିଜକୁ ସୁହାଇଲା ଭଳି ଯେକୌଣସି କଲର୍‌ର ବାନ୍ଧେନୀ କୁର୍ତ୍ତା ପ୍ଲାଜୋ ପିନ୍ଧି ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ।





# ଅଗୁଆଡା ଦୁର୍ଗ



**ଗୋ**ଆର ସିଙ୍କୱେରିମ ବିଚ୍ ନିକଟରେ ଅବସ୍ଥିତ ଅଗୁଆଡା ଦୁର୍ଗ ହେଉଛି ପର୍ତ୍ତୁଗୀଜ ଯୁଗର ଏକ ଦୁର୍ଗ ; ଯାହାକୁ ୧୬୧୨ ମସିହାରେ ନିର୍ମାଣ କରାଯାଇଥିବା ସୂଚନା ରହିଛି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ଦୁର୍ଗର ନିର୍ମାଣ ମୁଖ୍ୟତଃ ଡଚ୍‌ମାନଙ୍କଠାରୁ ସୁରକ୍ଷା ପାଇଁ ନିର୍ମିତ ହୋଇଥିଲା। ଏହା ସେତେବେଳେ ୟୁରୋପରୁ ଆସୁଥିବା ଜାହାଜଗୁଡ଼ିକ ପାଇଁ ଏକ ସୂଚକ ବିନ୍ଦୁ ଭାବେ କାମ କରୁଥିଲା। ଏହି ଐତିହାସିକ ଦୁର୍ଗ ଉପରେ ପ୍ରାରମ୍ଭରେ ଜାହାଜ ଚଳାଚଳ ଏବଂ ନିକଟସ୍ଥ ବାର୍ଦେଜ ଉପ-ଜିଲାର ସୁରକ୍ଷା ଦାୟିତ୍ୱ ବି ନ୍ୟସ୍ତ ଥିଲା। ଏହି ଦୁର୍ଗ ମଧ୍ୟରେ ଏକ ମଧୁର ଜଳ ଭଣ୍ଡାର ରହିଥିଲା ; ଯାହା ସେ ସମୟରେ ଏଠାକୁ ଆସୁଥିବା ଜାହାଜଗୁଡ଼ିକୁ ପାନୀୟ ଜଳ ଯୋଗାଉଥିଲା। ଅର୍ଥାତ୍ ଜାହାଜଗୁଡ଼ିକରେ ଯାତାୟାତ କରୁଥିବା କର୍ମଚାରୀମାନେ ଜାହାଜରେ ଥିବା ପାନୀୟ ଜଳ ସରିଗଲେ ଏହି ଦୁର୍ଗ ମଧ୍ୟରେ ଥିବା ମଧୁର ଜଳ ଭଣ୍ଡାରରୁ ଆସି ପାଣି ଭରି ନେଉଥିଲେ। ଖାସ୍ ସେଥିପାଇଁ ଏହି ଦୁର୍ଗର ନାମ ଅଗୁଆଡା ରଖାଯାଇଥିଲା। କାରଣ ପର୍ତ୍ତୁଗୀଜ ଭାଷାରେ ଅଗୁଆଡ଼ାର ଅର୍ଥ ହେଉଛି ଜଳପୂର୍ଣ୍ଣ। ତଥ୍ୟ ଅନୁଯାୟୀ, ଏହି ଜଳ ଭଣ୍ଡାରରେ ପ୍ରାୟ ୨,୩୭୬,୦୦୦ ଗ୍ୟାଲନ ପାଣି ସଂରକ୍ଷଣ କରିବାର କ୍ଷମତା ରହିଥିଲା ; ଯାହା ସମଗ୍ର ଏସିଆରେ ସେହି ସମୟରେ ସବୁଠାରୁ ବଡ଼ ମଧୁର ଜଳ ସଂରକ୍ଷଣ ମଧ୍ୟରୁ ଗୋଟିଏ ଥିଲା। ଏହି ଦୁର୍ଗ ଦୁଇଟି ଭାଗରେ ବିଭକ୍ତ: ଉପର ଅଂଶଟି ଦୁର୍ଗ ଏବଂ ଜଳଯୋଗାଣ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା। ଆଉ ତଳ ଅଂଶଟି ସେ ସମୟରେ ପର୍ତ୍ତୁଗୀଜ ଜାହାଜ ପାଇଁ ଏକ ନିରାପଦ ବର୍ଥ ଭାବରେ କାର୍ଯ୍ୟ କରୁଥିଲା। ଦୁର୍ଗର ଉପର ଅଂଶରେ ଏକ ଖାତ, ଭୂତଳ ଜଳ ସଂରକ୍ଷଣ ପ୍ରକୋଷ୍ଠ, ବାରୁଦ କୋଠରୀ ଏବଂ ଏକ ବତୀଘର ଥିବା ବେଳେ, ଏଥିରେ ଯୁଦ୍ଧ ଏବଂ ଜରୁରୀକାଳୀନ ସମୟରେ ବ୍ୟବହାର କରିବା ପାଇଁ ଏକ ଗୁପ୍ତ ପଳାୟନ ପଥ ମଧ୍ୟ ରହିଥିଲା ; ଯାହା ଏବେ ବି ଦୃଶ୍ୟମାନ। ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ବତୀଘରଟି ପ୍ରତି ୭ ମିନିଟରେ ଥରେ ଆଲୋକ ନିର୍ଗତ କରିବା ପାଇଁ ବ୍ୟବହୃତ ହେଉଥିଲା। ଏହି ଦୁର୍ଗଟି ଏତେ ବଡ଼ ଥିଲା ଯେ, ଏହା ବାର୍ଦେଜର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ସମଗ୍ର ଉପଦ୍ୱୀପକୁ ଘେରି ରହିବା ସହ ସେ ସମୟରେ ଡଚ୍‌ମାନଙ୍କ ଆକ୍ରମଣରୁ ପର୍ତ୍ତୁଗୀଜଙ୍କୁ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲା। ଖାସ୍ ଏହିସବୁ କାରଣ ପାଇଁ ଅଗୁଆଡା ଦୁର୍ଗଟି ପର୍ତ୍ତୁଗୀଜମାନଙ୍କର ସବୁଠାରୁ ମୂଲ୍ୟବାନ ଏବଂ ଗୁରୁତ୍ୱପୂର୍ଣ୍ଣ ଦୁର୍ଗ ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହୋଇଥାଏ।

### ଅଗୁଆଡା ବତୀଘର

ଅଗୁଆଡା ବତୀଘରଟିକୁ ୧୮୬୪ ମସିହାରେ ଅଗୁଆଡ଼ା ଦୁର୍ଗର ପଶ୍ଚିମରେ ଅବସ୍ଥିତ ଏକ ପାହାଡ ଉପରେ ନିର୍ମାଣ କରାଯାଇଥିଲା। ଏହା ଏସିଆର ସବୁଠାରୁ ପୁରୁଣା ବତୀଘର ମଧ୍ୟରୁ ଗୋଟିଏ ଥିଲା। ସ୍ଥାନୀୟ କାଣ୍ଡୋଲିମ ବେଳାଭୂମିର ଦକ୍ଷିଣରେ ଅବସ୍ଥିତ ଏହି ବତୀଘରଟି ପଣଜୀକୁ ଘେରି ରହିଥିବା ଉପଦ୍ୱୀପରୁ ନଦୀ ପାର ହେବାରେ ଲୋକମାନଙ୍କୁ ବିଶେଷ ସାହାଯ୍ୟ କରୁଥିଲା। ପ୍ରାୟ ଏକ ଶତାବ୍ଦୀ ଧରି ସେବା ଯୋଗାଇବା ପରେ ୧୯୭୬ ମସିହାରେ ଏହାକୁ ଏକ ନୂତନ ବତୀଘରକୁ ବଦଳା ଯାଇଥିଲା। ପୁରୁଣା ଗୋଆର ସେଣ୍ଟ ଅଗଷ୍ଟିନ ମଠର ଧ୍ୱଂସାବଶେଷରେ ମିଳିଥିବା ପୁରୁଣା ବତୀଘରଟିରେ ଏକ ବଡ଼ ଘଣ୍ଟି ରହିଥିଲା ବୋଲି ସୂଚନା ରହିଛି।

### ଅଗୁଆଡା କେନ୍ଦ୍ରୀୟ କାରାଗାର

ଏହି କାରାଗାର ବି ଦୁର୍ଗର ଏକ ଅଂଶ ; ଯାହା ୨୦୧୫ ମସିହା ପର୍ଯ୍ୟନ୍ତ ଗୋଆର ସବୁଠାରୁ ବଡ଼ କାରାଗାର ଭାବେ ଜଣାଯାଉଥିଲା। ପରବର୍ତ୍ତୀ ସମୟରେ ପର୍ତ୍ତୁଗୀଜ ଯୁଗର ଏହି କାରାଗାରକୁ ଗୋଆ ପର୍ଯ୍ୟଟନ ବିକାଶ ନିଗମ, ଗୋଆ ହେରିଟେଜ ଆକ୍ସନ ଗ୍ରୁପ ଏବଂ ଗୋଆର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହଯୋଗରେ ପୁନଃନିର୍ମାଣ କରାଯିବା ସହିତ ଗୋଆର ସ୍ୱାଧୀନତା ସଂଗ୍ରାମକୁ ପ୍ରଦର୍ଶନ କରିବା ପାଇଁ ଏହି କାରାଗାରକୁ ଏକ ସ୍ୱାଧୀନତା ସଂଗ୍ରାମ ସଂଗ୍ରହାଳୟ ଭାବରେ ପର୍ଯ୍ୟଟକମାନଙ୍କ ଦେଖିବା ନିମନ୍ତେ ଖୋଲି ଦିଆଯାଇଥିଲା ବୋଲି ସୂଚନା ରହିଛି। ଖାସ୍ ସେଥିପାଇଁ ବହୁ ଐତିହାସିକ ଗାଥାର ଗନ୍ତାଘର କୁହାଯାଉଥିବା ଅଗୁଆଡ଼ା ଦୁର୍ଗ ଏବେ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଯାଇଛି।



## ହାଃ ହାଃ

### ଘିଅ

ମାଲିକ ରୋଷେଇଆକୁ: ଆଜି ତୁ ଟିକେ ଅଧିକ ବଟର୍ ଲଗେଇକି ପରଟା କରିଛୁ।
ରୋଷେଇଆ: ଓଃ ଭୁଲ୍ ହେଇଗଲା। ଲାଗୁଛି ମୁଁ ମୋ ପରଟାଟା ଆପଣଙ୍କୁ ଦେଇ ଦେଇଛି।

### ମାଲ୍

କାଲି ରାତିରେ ଚୋର ଆସି ମୋହନ ବାବୁଙ୍କ ମୁଣ୍ଡରେ ଗନ୍ ଦେଖାଇ ପଚାରିଲେ: କହ ମାଲ୍, କୋଉଠି ଅଛି ?
ମୋହନ ବାବୁ: ଏଠି ନାହିଁ ପଡିଶା ଘରେ ଅଛି। ମୋ ଘରେ ଥିଲେ ମୁଁ କ'ଣ ଏମିତି ନିରସ ଜୀବନ ଜିଉଥାନ୍ତି ?

### କାହାର

ରାତିରେ ଲେଟ୍ ଫେରିଥିବା ପୁଅର ଜ୍ୟାକେଟ୍‌କୁ ବାପା ଭଲଭାବେ ଖୋଜିବାରୁ ସେଥିରୁ ସିଗାରେଟ୍ ଓ ଝିଅମାନଙ୍କ ନମ୍ବର ମିଳିଲା। ଏହା ଦେଖି ବାପା ପୁଅକୁ ମାଡ଼ମାରି: କହ ସିଗାରେଟ୍ କେବେଠୁ ଟାଣୁଛୁ ଓ ଆଉ ଏତେ ଝିଅଙ୍କ ନମ୍ବର କାହିଁକି ରଖିଛୁ ?
ପୁଅ: ମୁଁ କିଛି ଜାଣିନି ?
ବାପା: କ'ଣ ! ଜାଣିନୁ ? କହ ଏସବୁ କେବେଠୁ ଚାଲିଛି ?
ପୁଅ: ବାପା ମୁଁ ସତ କହୁଛି ଏସବୁ ବିଷୟରେ ଜାଣିନି । କାହିଁକି ନା ଏ ଜ୍ୟାକେଟ୍ ମୋର ନୁହେଁ। ଏଇଟା ତ ତମର।

### ଛୋଟ ଥିଲି

ପପୁ ମୁନାକୁ: ଜାଣିଚୁ ଥରେ ମୁଁ ସ୍କୁଲ ପିକ୍‌ନିକ୍ ଯାଇଥିଲି। ସେଠି ଗୋଟେ ଉଚ୍ଚା ପଥରକୁ ଚଢିଥିଲି। ଦୁର୍ଭାଗ୍ୟକୁ ମୋ ଗୋଡ ଖସିଗଲା। ଆଉ ମୁଁ ଖୁବ୍ ଜୋର୍‌ରେ ତଳେ ପଡିଗଲି।
ମୁନା: ହେ ଭଗବାନ ! ତା'ପରେ କ'ଣ ହେଲା ? ତୁ ମରିଲୁ ନା ବଞ୍ଚିଲୁ ?
ପପୁ: ସେତେବେଳେ ମୁଁ ବହୁତ ଛୋଟ ଥିଲି। ମୋର ଆଉ କ'ଣ ସେକଥା ମନେ ଅଛି ?

# ଶାନ୍ତ ତପୋବନ ଜିରାଙ୍ଗ





–ଦୀପ୍ତିମୟୀ ଶତପଥୀ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ୨୯୦ କି.ମି. ଏବଂ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରଠାରୁ ୧୦୦କି.ମି. ଦୂରତାରେ, ଗଜପତି ଜିଲାର ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଜିରାଙ୍ଗରେ ତିବ୍ବତୀୟ ଶରଣାର୍ଥୀମାନେ ବସତି ସ୍ଥାପନ କରିଛନ୍ତି। ଏହା ପୂର୍ବଭାରତର ଏକ ବଡ ସ୍ଥାପତ୍ୟ ; ଯାହା ତିବ୍ବତୀୟ କଳା, ସଂସ୍କୃତି ଓ ଶିକ୍ଷାକୁ ବହନ କରେ। ତେଣୁ ଏହା 'ମିନି ତିବ୍ବତ' ନାମରେ ପରିଚିତ। ଚାଇନା ତିବ୍ବତକୁ କବ୍‌ଜା କରିନେଲା ପରେ ବୌଦ୍ଧ ଧର୍ମ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ତିବ୍ବତର ଧର୍ମଗୁରୁ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଭାରତକୁ ଚାଲି ଆସିଥିଲେ। ତତ୍କାଳୀନ ଭାରତ ସରକାର ସେମାନଙ୍କୁ ଛଅଟି ସ୍ଥାନରେ ଶିବିର ସ୍ଥାପନ କରି ରଖାଇଥିଲେ। ତନ୍ମଧ୍ୟରୁ ବର୍ତ୍ତମାନର ଗଜପତି ଜିଲା ଚନ୍ଦ୍ରଗିରିର କିଛି ଅଞ୍ଚଳକୁ ଶରଣାର୍ଥୀଙ୍କୁ ଯୋଗେଇ ଦିଆଯାଇଥିଲା। ସେଗୁଡିକ ହେଲା: ମହେନ୍ଦ୍ରଗଡ଼, ଟାଙ୍ଗିଲିପଦର, ଲାବରସିଙ୍ଗ ଓ ଜିରାଙ୍ଗ। ଏ ସମସ୍ତ ଅଞ୍ଚଳକୁ ତିବ୍ବତୀୟ କଲୋନୀ କୁହାଯାଏ। ପ୍ରଥମେ ପ୍ରାୟ ୨୨୦୦ ଶରଣାର୍ଥୀ ୧୯୬୩ ମେ ୧ତାରିଖରେ ଚନ୍ଦ୍ରଗିରିକୁ ଆସିଥିଲେ। ଏଠିକାର ତାପମାତ୍ରା, ପରିବେଶ ଓ ପାର୍ବତୀୟ ଘଞ୍ଚ ଅରଣ୍ୟ ସେମାନଙ୍କୁ ଭଲ ଲାଗିଥିଲା। ୧୯୯୮ରେ ଦଲାଇଲାମା ଜିରାଙ୍ଗରେ ବୁଦ୍ଧମନ୍ଦିର ନିର୍ମାଣ କରିବାକୁ ଅନୁମତି ଦେଲେ। ୨୦୦୩ରେ ପ୍ରାୟ ଦଶ ଏକର ଭିତ୍ତିଭୂମି ଉପରେ ମଠ–ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇ ୨୦୦୮ରେ ସମ୍ପୂର୍ଣ୍ଣ ହେଲା ଏବଂ ୨୦୧୦ରେ ଦଲାଇଲାମାଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା। ମୁଖ୍ୟ ମନ୍ଦିର ୭୦ ଫୁଟ୍ ଉଚ୍ଚ। ଏହି ମନ୍ଦିରର ସାମଞ୍ଜସ୍ୟ ପ୍ରାଚୀନ ନାଳନ୍ଦା ସହ ରହିଛି। ଏହାର ସୁବର୍ଣ୍ଣ ରଙ୍ଗର ବିମାନ ଦୂରରୁ ଦୃଶ୍ୟମାନ। ମୁଖ୍ୟ ମନ୍ଦିରରେ ୨୩ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ନିର୍ମିତ ଅବଲୋକିତେଶ୍ୱର ପଦ୍ମସମ୍ଭବ ମୂର୍ତ୍ତି ବିଦ୍ୟମାନ। କାନ୍ଥ ଓ ଛାତରେ ମୁରାଲ, ମଣ୍ଡଳ ଓ ପ୍ରତୀକାତ୍ମକ ଶିଳ୍ପକଳାର ରହସ୍ୟମୟ
ପଶୁପକ୍ଷୀଙ୍କ ଚିତ୍ର ଦେଖିବାକୁ ମିଳେ। ଫିନିକ୍ସ ଓ ଡ୍ରାଗନ ଦୁଇଟି ସୃଷ୍ଟି ଓ ଧ୍ୱଂସକାରୀ ଶକ୍ତି ଭାବରେ ପ୍ରଦର୍ଶିତ। ମନ୍ଦିରର ଉଭୟ ପାର୍ଶ୍ୱର କୋଠା ଧର୍ମଶାଳା ଓ ଶିକ୍ଷାନୁଷ୍ଠାନ ରୂପେ ବ୍ୟବହୃତ। ଏଠାରେ ଆନୁମାନିକ ୨୦୦ରୁ ୩୦୦ ସନ୍ଥ ଓ ଶିକ୍ଷାର୍ଥୀ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ ଆବାସରେ ରୁହନ୍ତି। ସେମାନେ ମୁଖ୍ୟତଃ ସିକିମ ଓ ଦାର୍ଜିଲିଂରୁ ଆସିଥାଆନ୍ତି। ମନ୍ଦିର ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରୁହେ। ପ୍ରବେଶ ଦେୟ ୫ଟଙ୍କା। ପ୍ରାର୍ଥନାଗୃହ ଓ ଶିକ୍ଷାନୁଷ୍ଠାନର ଫଟୋ ଉତ୍ତୋଳନ ମନା। ପର୍ଯ୍ୟଟକଙ୍କୁ ନୀରବତା ଅବଲମ୍ବନ କରିବାକୁ ହୁଏ। ଏଠାରେ ସ୍ଥାନୀୟ ବାସିନ୍ଦାଙ୍କ ସହ ତିବ୍ବତୀୟ ନବବର୍ଷ ପାଳନ କରାଯାଏ। ମୁଖ୍ୟମନ୍ଦିରଠାରୁ ଅନତିଦୂରରେ ଆଠଟି ସ୍ତୁପ ବୃତ୍ତାକାରରେ ଆବଦ୍ଧ କ୍ଷେତ୍ର ମଧ୍ୟରେ ଅବସ୍ଥିତ। ସ୍ତୁପ ହେଉଛି ଅର୍ପଣ ଓ ପ୍ରାର୍ଥନାର ସିନ୍ଦୁକ। ଏହା ଶସ୍ୟ, ରତ୍ନ, ଲିଖିତ ମନ୍ତ୍ର ଆଦିରେ ପରିପୂର୍ଣ୍ଣ। ବିଶ୍ୱାସ କରାଯାଏ, ସ୍ତୁପଗୁଡିକ ସାମର୍ଥ୍ୟ ଓ ଶକ୍ତିର ଉତ୍ସ। ମଝିରେ ଥିବା ସବୁଠାରୁ ଉଚ୍ଚ ସ୍ତୁପ ବୁଦ୍ଧତ୍ୱ ପ୍ରାପ୍ତିର ପ୍ରତୀକ। ଅନ୍ୟ ସାତଟି ବୁଦ୍ଧଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସୋପାନ। ଏଠାରେ ଥିବା ମନ୍ତ୍ରଚକ୍ରକୁ ଘଣ୍ଟା ପରି ଘୂରାଇଲେ ସେଥିରୁ ଗୁରୁଗମ୍ଭୀର ଧ୍ୱନି ନିର୍ଗତ ହୁଏ। ଚାରିଦିଗରେ ଉଡୁଥିବା ରଙ୍ଗିନ ପତାକାମାନ ପବନରେ ଶାନ୍ତି, କରୁଣା, ଜ୍ଞାନ ଓ ପ୍ରାର୍ଥନାର ମନ୍ତ୍ରସବୁ ବିଚ୍ଛୁରିତ କରେ ବୋଲି ବୁଦ୍ଧ ଅନୁଗାମୀ ବିଶ୍ୱାସ ରଖନ୍ତି। ମୁଖ୍ୟମନ୍ଦିର ନିକଟରେ ରହିଛି ପଦ୍ମସରୋବର ହ୍ରଦ। ଏହା ମଝିରେ ଗୁରୁ ପଦ୍ମସମ୍ଭବଙ୍କର ବିଶାଳ ମୂର୍ତ୍ତି ରହିଛି।
ଚାରିପଟର ସବୁଜିମା ଓ ପାହାଡ଼ ମଝିରେ ବୋଟିଂ ଓ ଜଳକ୍ରୀଡ଼ାର ବ୍ୟବସ୍ଥା କରାଯାଇଛି।



ଜିରାଙ୍ଗ ମଠ ମନ୍ଦିର ନିର୍ମାଣ ଓ ପରିଚାଳନା ନିମନ୍ତେ ଅନ୍ତର୍ଜାତୀୟ ପ୍ରବାସୀ ସହାୟକ ସଂସ୍ଥା ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗରେ ଅର୍ଥ ମଞ୍ଜୁର ହୋଇଥାଏ। ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଜିରାଙ୍ଗ ବୁଦ୍ଧମନ୍ଦିର। ଏଠାକୁ ୟୁରୋପ ଓ ଯୁକ୍ତରାଷ୍ଟ୍ରରୁ ସହାୟତା ମିଳିଥାଏ। ନେପାଳ, ଜାପାନ, ଭୁଟାନରୁ ବୌଦ୍ଧ ଧର୍ମାବଲମ୍ବୀ ବି ସାହାଯ୍ୟର ହାତ ବଢ଼ାନ୍ତି। ଭାରତ ସରକାର ଓ ଓଡ଼ିଶା ରାଜ୍ୟ ସରକାର ୧୯୬୦ରେ ଚନ୍ଦ୍ରଗିରିରେ ତିବ୍ବତୀୟ ଶରଣାର୍ଥୀଙ୍କୁ ଜମି ଯୋଗାଇ ଦେଇଥିଲେ। ରାସ୍ତା, ଗୃହ, ବିଦ୍ୟୁତ୍‌କରଣ, ଜଳଯୋଗାଣ ଆଦି କେନ୍ଦ୍ରୀୟ ତିବ୍ବତ ରିଲିଫ କମିଟିର ଦାୟିତ୍ୱ। କିଛି ବେସରକାରୀ ସଂସ୍ଥା ମଧ୍ୟ ଏମାନଙ୍କ ସହ ଯୋଡିହୋଇ ରହିଛନ୍ତି। ଜିରାଙ୍ଗ ତିବ୍ବତୀୟ ସୁନ୍ଦର ଓଡ଼ିଆ ଓ ହିନ୍ଦୀ କହିପାରନ୍ତି। ଋତୁ ଅନୁସାରେ ଫଳ ଉତ୍ପାଦନ କରି ନିକଟ ବଜାରରେ ବିକ୍ରି କରନ୍ତି। ବ୍ରହ୍ମପୁରରେ ମାସାଧିକ କାଳ ଏମାନେ ଶୀତବସ୍ତ୍ରର ବଜାର ଚଳାନ୍ତି। ମକାଚାଷ କରି ସେମାନେ ଲାଭବାନ ହୁଅନ୍ତି। ଏହା ବ୍ୟତୀତ ସେମାନେ ସ୍ଥାନୀୟ ଅଧିବାସୀଙ୍କ ପରି ପନିପରିବା ଓ ଅନ୍ୟ ଫସଲ ଚାଷ କରନ୍ତି। ଜିରାଙ୍ଗ, ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼ ନିକଟରେ ରେସ୍ତୋଁରା ଓ ଜଳଖିଆ
ଦୋକାନ ବ୍ୟବସାୟ କରି ତିବ୍ବତୀୟମାନେ ଭଲ ରୋଜଗାର କରନ୍ତି। ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆସିଥାନ୍ତି। ଜିରାଙ୍ଗଠାରୁ ୫/୬ କି.ମି. ଭିତରେ ଖସଡ଼ା ଓ ମାଙ୍କଡଡିଆଁ ନାମରେ ଦୁଇଟି ଜଳପ୍ରପାତ ରହିଛି ; ଯାହା ପର୍ଯ୍ୟଟକଙ୍କୁ ଅକାର୍ଷିତ କରେ।

ଜାନୁଆରୀ ୨୬, ୧୯୫୦ ପରେ ଭାରତରେ ଜନ୍ମିତ ଶରଣାର୍ଥୀ ଭୋଟ ଦେବାର ଅଧିକାର ପାଇପାରିବେ। ଭାରତୀୟ ନାଗରିକତ୍ୱ ଗ୍ରହଣ କଲେ, ଶରଣାର୍ଥୀ ଅନୁଦାନ ଓ ସୁବିଧା ହରାଇବେ। ମୋଟାମୋଟି ଚାରିପାଖର ଘଞ୍ଚ ବନାନୀ, ମୟୂର, କୁତ୍ରା ତଥା ବିଭିନ୍ନ ପ୍ରଜାତିର ଚଢ଼େଇ, ବିସ୍ତୀର୍ଣ୍ଣ ଚାଷଜମି (ମକା, ମାଣ୍ଡିଆ, ହଳଦୀ, ପରିବା) କୋଳାହଳ ଶୂନ୍ୟ ଶାନ୍ତ ଉପତ୍ୟକା ଜିରାଙ୍ଗକୁ ନିର୍ମଳ ସୁନ୍ଦର କରିବା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

–ବ୍ରହ୍ମପୁର
ମୋ:୯୦୭୮୬୮୫୨୪୭





# ଧଳା ବରଫ ଚାଦରରେ ଆବୃତ୍ତ, ହେଲେ ନାଁ ତା'ର ଗ୍ରୀନ୍‌ଲାଣ୍ଡ



**ଗ୍ରୀନ୍‌ଲାଣ୍ଡର ନାଁ ଶୁଣିଲେ ମନରେ ଆପେ ଆପେ ସବୁଜିମାର ଦୃଶ୍ୟ ଆସିଯାଏ।  ଲାଗେ ଗ୍ରୀନ୍‌ଲାଣ୍ଡରେ ଦୂର ଦୂର ପର୍ଯ୍ୟନ୍ତ ସବୁଜିମା ଭରି ରହିଥିବ। ହେଲେ ପ୍ରକୃତରେ ଗ୍ରୀନ୍‌ଲାଣ୍ଡରେ ସବୁଜିମାର ନାଁ ନାହିଁ। ତେବେ ଏହାର ନାମକରଣ ଏମିତି ହେଲା କାହିଁକି?...**

ଗ୍ରୀନ୍‌ଲାଣ୍ଡର ନାଁ ଶୁଣିଲେ ମନରେ ଆପେ ଆପେ ସବୁଜିମାର ଦୃଶ୍ୟ ଆସିଯାଏ। ଲାଗେ ଗ୍ରୀନ୍‌ଲାଣ୍ଡରେ ନିଶ୍ଚିତଭାବେ ଦୂର ଦୂର ପର୍ଯ୍ୟନ୍ତ ସବୁଜିମା ଭରି ରହିଥିବ। ହେଲେ ପ୍ରକୃତରେ ଗ୍ରୀନ୍‌ଲାଣ୍ଡରେ ସବୁଜିମାର ନାଁ ଗନ୍ଧ ନାହିଁ। ଚାରିଆଡ଼େ ଖାଲି ବରଫ ଆଉ ବରଫ। ଏହା ହେଉଛି ପୃଥିବୀର ସବୁଠୁ ବଡ଼ ଦ୍ୱୀପ। ଏହାର ଇତିହାସ ଯେମିତି ରୋଚକ ଏହାର ନାମକରଣ ବି ସେମିତି ରୋଚକ।

ଗ୍ରୀନ୍‌ଲାଣ୍ଡର ଅଧିକାଂଶ ଭାଗ ବରଫରେ ଆବୃତ ନଜର ଆସେ। ଆଉ ଯଦି ଉପର ଭାଗରୁ ଦେଖାଯାଏ ତେବେ ପୂରା ଆର୍କଟିକ ଧଳା ବରଫ ଚାଦରରେ ଘୋଡେଇ ହୋଇ ରହିଥିବା ପରି ଲାଗେ। ତଥାପି ଏହାର ନାମ ଗ୍ରୀନ୍‌ଲାଣ୍ଡ କାହିଁକି ହେଲା ବୋଲି ମନରେ ପ୍ରଶ୍ନ ନିଶ୍ଚିତଭାବେ ଉଠୁଥିବ। ବୈଜ୍ଞାନିକମାନଙ୍କ କହିବାନୁସାରେ ୨୫ ଲକ୍ଷ ବର୍ଷ ତଳେ ଏଠାରେ ସବୁଜିମା ଭରି ରହିଥିଲା। ହେଲେ ପରେ ପାଣିପାଗରେ ପରିବର୍ତ୍ତନ ଘଟି କ୍ରମେ ଅଞ୍ଚଳଟି ବରଫରେ ଆଚ୍ଛାଦିତ ହୋଇଗଲା। ସବୁଜିମା ରହିଲା ନାହିଁ। ତେଣୁ ଏହାର ନାଁ ଗ୍ରୀନ୍‌ଲାଣ୍ଡ କରାଯାଇଥିଲା।

ଏହାବାଦ୍ ଏହା ବି କୁହାଯାଏ ଯେ, ଲିଫ ଏରିକ୍ସନ ଏହି ସ୍ଥାନର ନାଁ ଗ୍ରୀନ୍‌ଲାଣ୍ଡ ରଖିଥିଲେ। ଦଶମ ଶତାବ୍ଦୀରେ ଜନ୍ମିତ ଲିଫ ଏରିକ୍ସନ ଜଣେ ନୋର୍ସ ଏକ୍ସପ୍ଲୋରର୍ ଥିଲେ। ସେ ମଧ୍ୟଯୁଗୀୟ ସ୍କାଣ୍ଡିନାଭିଆର ବ୍ୟକ୍ତି ଥିଲେ, ଯେକି ଜଳଯାତ୍ରା କରି ଅନେକ ନୂଆ ଭୂଖଣ୍ଡର ଆବିଷ୍କାର କରିଥିଲେ। ଖାସ୍‌କରି ପଶ୍ଚିମ ଦିଗକୁ ଯାତ୍ରା କରି ଆଇସ୍‌ଲାଣ୍ଡ ଏବଂ ଗ୍ରୀନ୍‌ଲାଣ୍ଡ ଏମିତିକି ଉତ୍ତର ଆମେରିକାର ଭିନ୍‌ଲାଣ୍ଡ ଆବିଷ୍କାର କରିଥିଲେ।

କୁହାଯାଏ ବରଫାବୃତ୍ତ ଗ୍ରୀନ୍‌ଲାଣ୍ଡରେ ଜନବସତି ସ୍ଥାପନ କରାଇବା ଲାଗି ଏକ ମାର୍କେଟିଂ ଟାକ୍‌ଟିସ୍ ଭାବେ ତଥା ଲୋକଙ୍କୁ ଏଠାକୁ ଆକର୍ଷିତ କରିବା ଲାଗି ସେ ଏହି ବରଫାଚ୍ଛନ ସ୍ଥାନର ନାଁ 'ଗ୍ରୀନ୍‌ଲାଣ୍ଡ' ରଖିଥିଲେ। ଯଦ୍ଦ୍ୱାରା କି ଲୋକେ ନାଁରୁ ଭାବିବେ ଏହି ସ୍ଥାନ ବେଶ୍ ଉର୍ବର ଓ ସବୁଜିମାରେ ଭରା ହୋଇଥିବ। ଆଉ ଏଠାରେ ବସତି ସ୍ଥାପନ କରିବାକୁ ଲୋକେ ଆଗଭର ହୋଇ ଆସିବେ। ଗ୍ରୀନ୍‌ଲାଣ୍ଡର ୮୦ ପ୍ରତିଶତ ଭାଗ ବଡ ବଡ ହିମଖଣ୍ଡରେ ଆବୃତ୍ତ। କିନ୍ତୁ ଗ୍ରୀଷ୍ମ ଋତୁରେ ଏହାର ଦକ୍ଷିଣ ତଟବର୍ତ୍ତୀ ଅଞ୍ଚଳରେ କିଛିଟା ସବୁଜିମା ଦେଖିବାକୁ ମିଳେ। ହୁଏତ ସେ ଏହାକୁ ଦେଖି ଏହି ସ୍ଥାନର ନାଁ ଗ୍ରୀନ୍‌ଲାଣ୍ଡ ରଖିଥାଇପାରନ୍ତି ବୋଲି କୁହାଯାଏ। ଅନେକ ଐତିହାସିକ କହନ୍ତି ଖ୍ରୀ.ପୂ. ୨୫୦୦ରେ ମଣିଷ ଗ୍ରୀନ୍‌ଲାଣ୍ଡକୁ ଆସିଥିଲେ। ଅର୍ଥାତ୍ ଏହି ଦେଶର ଇତିହାସ ୪୫୦୦ ବର୍ଷ ପୁରାତନ। ଏଠାକୁ ଆସୁଥିବା ଲୋକ ଏଠାରେ ବେଶି ସମୟ ରହିପାରୁ ନ ଥିଲେ। ଦଶମ ଶତାବ୍ଦୀରେ ନର୍ସମ୍ୟାନ ଏଠାରେ ରହିଲେ। କୁହାଯାଏ ସେ ବି ୧୫ ଶତାବ୍ଦୀ ବେଳକୁ ଚାଲିଗଲେ।

ଗ୍ରୀନ୍‌ଲାଣ୍ଡର ଭୌଗୋଳିକ ସ୍ଥିତି ଏମିତି ଯେ, ଏଠାରେ ମେ' ୨୫ ତାରିଖରୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟାସ୍ତ ହୋଇ ନ ଥାଏ। ଦିନରାତି ସୂର୍ଯ୍ୟ ଦେଖାଯାନ୍ତି। ମିଡ୍‌ନାଇଟ୍ ସନ୍ ଦେଖିବାକୁ ସାରା ପୃଥିବୀରୁ ପର୍ଯ୍ୟଟକ ଆସନ୍ତି।



# ନାକରେ ସୁଡ଼ଙ୍ଗ



ମହିଳାମାନେ ନାକ ଫୋଡାଇ ସେଥିରେ ନାକଗୁଣା ଲଗାଇଥାନ୍ତି। ହେଲେ ଜଣେ ବ୍ୟକ୍ତି ନାକରେ ଏମିତି କଣା କରିଛନ୍ତି, ଯାହାକି ଦେଖିବାକୁ ଏକ ବଡ଼ ସୁଡ଼ଙ୍ଗ ଭଳି ଲାଗେ। ସେ ଦୁଇ ନାକପୁଡ଼ା ମଧ୍ୟଦେଇ ଏହି ସୁଡ଼ଙ୍ଗ କରିଛନ୍ତି। ଏହି ସୁଡ଼ଙ୍ଗ ଏତେ ବଡ ଯେ ଗୋଟେ ପଟୁ ଦେଖିଲେ ଆରପଟର ବାହାର ଦୃଶ୍ୟ ଜଳଜଳ ହୋଇ ଦେଖାଯାଏ। ଫଳରେ ତାଙ୍କ ନାଁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବଡ଼ ନାସାଲାଙ୍ଗ ଫ୍ଲେଶ୍ ଟନେଲ୍ ଥିବା ବ୍ୟକ୍ତି ଭାବେ ସ୍ଥାନ ପାଇଛି। ତାଙ୍କ ନାକର ଏହି ଟନେଲର ଓସାର ୨.୧୫ ସେ.ମି.। ଆମେରିକାର ଯାଶୋନ୍ ସୁଲ୍‌ଜ ନାମକ ଏହି ବ୍ୟକ୍ତିଙ୍କର ନାକର ଟନେଲ ଭିତରେ ଆରାମରେ ଅଙ୍ଗୁଳି ପଶିଯାଏ।  କେବଳ ଯାଶୋନ ନୁହନ୍ତି ତାଙ୍କ ପରିବାର ସଦସ୍ୟମାନଙ୍କ ଭିତରେ ବି ବଡି ମୋଡିଫିକେଶନ୍ କରିବାର ମାନିଆ ରହିଛି। ସେମାନେ ନିଜ ଶରୀରର ଅନେକ ପରିବର୍ତ୍ତନ କରିଛନ୍ତି। ତେଣୁ ସେ ବି ନିଜ ଶରୀରରେ କିଛି ପରିବର୍ତ୍ତନ ଆଣି ସମସ୍ତଙ୍କଠୁ ଭିନ୍ନ ହେବାକୁ ଚାହିଁଥିଲେ। ଆଉ ନାକରେ ଏତେବଡ଼ ଟନେଲ କରି ରେକର୍ଡ କଲେ। ନାକର ଦୁଇପଟ କଣାରେ ସେ ଏକ ମୋଟା ପାଇପ୍ ପୂରାଇପାରନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯାଆନ୍ତି।  ଅନେକେ ତାଙ୍କ ନାକକୁ ନେଇ ବିଭିନ୍ନ ପ୍ରଶ୍ନ ବି କରନ୍ତି। ଆଉ ଯାଶୋନ ଖୁସିରେ ସେସବୁର ଉତ୍ତର ଦିଅନ୍ତି।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# କର୍ମସୁ କୌଶଳମ୍

ନିକଟରେ ଘଟିଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପାଇଲଟ ତେଲ ଚାବି ଅନ୍ କରିବାକୁ କାଳେ ଭୁଲି ଯାଇଥିଲେ ବୋଲି ଗୋଟିଏ ଖବରକାଗଜରେ ବାହାରିଥିବାର ପଢ଼ିଲି। ଲେଖାଥିଲା, କଥାଟି ଯେତେବେଳେ ପାଇଲଟଙ୍କ ଅବଗତିକୁ ଆସିଲା ସେତେବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ଏ ଖବର ପଢ଼ିଲା ପରଠାରୁ ମୋର କିଛି ପୁରୁଣା କଥା ମନେ ପଡ଼ିଗଲା। କଲେଜ ସମୟର କଥା। ସେତେବେଳେ ମୋର ନୂଆକରି ସ୍କୁଟର କିଣା ଯାଇଥାଏ। ସ୍କୁଟରର ତେଲ ଟାଙ୍କି ମଝିରେ ଥିଲା ବେଳେ ତେଲ ଚାବି ସାମ୍ନାପଟ ଚାଳକ ସିଟ୍ ତଳେ ଥାଏ। ସେଠି ଚାବି ଖୋଲିଲେ ତେଲକୁ ଟାଙ୍କିରୁ ପାଇପ ବାଟଦେଇ ସ୍କୁଟର ପଛ ପଟରେ ଥିବା ଇଞ୍ଜିନ ପର୍ଯ୍ୟନ୍ତ ପହଞ୍ଚିବାକୁ ସାଧାରଣତଃ ଦଶରୁ ପନ୍ଦର ସେକେଣ୍ଡ ସମୟ ଲାଗେ। କିନ୍ତୁ ମୋ ଭଳି ଅଧୈର୍ଯ୍ୟ ଲୋକମାନଙ୍କ ପାଖରେ ସେତକ ସମୟ ଅପେକ୍ଷା କରିବାକୁ ତର ନ ଥାଏ। ସ୍କୁଟରକୁ ଗୋଟିଏ ପାଖକୁ ଅଣେଇ କିଛି ସମୟ ଧରିଲା ପରେ ଦୁଇ ତିନିଟି କିକ୍ ମାରିଦେଲେ ଗାଡ଼ି ସହଜରେ ଷ୍ଟାର୍ଟ ହୋଇଯାଏ। ଯଦିଓ ସ୍କୁଟରରେ ତେଲକୁ ଶୀଘ୍ର ଇଞ୍ଜିନ ପାଖରେ ପହଞ୍ଚେଇବା ପାଇଁ ତେଲ ଚାବି ପାଖରେ ଆଉ ଗୋଟେ ଚାବି ଥାଏ ଯାହାକୁ ଚୋକ୍ କୁହନ୍ତି ତଥାପି ମୁଁ ସ୍କୁଟରକୁ ଅଣେଇ ଷ୍ଟାର୍ଟ କରିବାରେ ଏତେ ଅଭ୍ୟସ୍ତ ଥିଲି ଯେ କେବେ ଷ୍ଟାର୍ଟ ପୂର୍ବରୁ ଚୋକ୍ ବ୍ୟବହାର କରିଥିବା ମୋର ମନେପଡୁନି। ସ୍କୁଟରର ଚାହିଦା କମିବା ପରେ ମାର୍କେଟକୁ ନୂଆ ମଡେଲ ଓ ନୂଆ କମ୍ପାନୀମାନଙ୍କ ମୋଟରସାଇକେଲ ଆସିଲା। ସ୍କୁଟର ଛାଡ଼ି ମୋଟରସାଇକେଲକୁ ଆସିଲା ପରେ ଷ୍ଟାର୍ଟ ପାଇଁ ମୋତେ ଆଉ ଗାଡ଼ିକୁ ଅଣେଇବାକୁ ପଡ଼ିଲା ନାହିଁ ସିନା ହେଲେ ସେଠି ଏକ ଭିନ୍ନ ସମସ୍ୟା ଥିଲା। କଥା ହେଲା ଯେଉଁ ହିସାବରେ ସାଙ୍ଗମାନଙ୍କ ସହ ଗାଡ଼ିରେ ବୁଲା ହେଉଥିଲା ସେହି ଅନୁପାତରେ ଟାଙ୍କିରେ ତେଲ ପଡୁ ନ ଥିଲା। ମୋର ଯେତେଦୂର ମନେଅଛି, ପୁରା କଲେଜ କାଳ ଭିତରେ ମୋ ମୋଟରସାଇକେଲର ତେଲ ଚାବି କେବେ ବି ଅନ୍ ମୋଡ଼ ଦେଖି ନ ଥିଲା। ସବୁବେଳେ ମୋ ଗାଡ଼ିର ତେଲଚାବି ରିଜର୍ଭ ମୋଡ଼ରେ ଥାଏ। ରାସ୍ତାରେ ଯେତେବେଳେ ଗାଡ଼ି ମନ୍ଥର ହୋଇ ଦୁଇ ତିନିଥର ଝଟକା ଦେଇ ଆପେ ବନ୍ଦ ହୋଇଯାଏ ସେତେବେଳେ ଜାଣୁ ଯେ ତେଲ ସରିଗଲା। ଏଥିପାଇଁ ସେତେବେଳେ ଆମେ ଗୋଟେ ସ୍ୱଦେଶୀ ଯୁଗାଡ ବାହାର କରିଥିଲୁ। କୁହାଯାଏ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ଅଧା ବାଟରେ କେବେ ଯଦି ତେଲ ସରିଯାଉଥିଲା ତେବେ ଗାଡ଼ିର ତେଲ ଟାଙ୍କି ଢାଙ୍କୁଣିକୁ ଖୋଲି ଜୋରରେ ଦୁଇ ତିନିଥର ଫୁଙ୍କି ଦେଲେ ତେଲ ପାଇପରେ ଯାହା ଅଳ୍ପ କିଛି ତେଲ ରହିଯାଇଥାଏ ତାହା ଇଞ୍ଜିନରେ ପହଞ୍ଚିଯାଏ। ତା'ପରେ ଗାଡ଼ିକୁ ଷ୍ଟାର୍ଟ କରି ଜୋରରେ ଏକ୍ସିଲେଟର ମୋଡ଼ିଲେ ଗାଡ଼ି ଆଉ ତିନି ଚାରିଶହ ମିଟର ଯାଏ ଚାଲିଯାଏ। ଏହିପରି ଦୁଇ ତିନିଥର ଫୁଙ୍କି ଗାଡ଼ିକୁ ତେଲ ଟାଙ୍କି ପର୍ଯ୍ୟନ୍ତ ଗଡ଼େଇ ନେବାର ଅନେକ ଅଭିଜ୍ଞତା ମୋର ଅଛି। ଅବଶ୍ୟ ଏ ପ୍ରକାରର ଯୋଗାଡ଼ିଆ ଗୁଣ ଯେ କେବଳ ମୁଁ ଜାଣିଥିଲି ତାହା ନୁହେଁ। ସ୍କୁଟର କି ମୋଟରସାଇକେଲ ଚଲାଉଥିବା ପ୍ରାୟ ଅନେକ ଲୋକଙ୍କର ଅଳ୍ପବହୁତେ ଏହିଭଳି କିଛି ଅଭିଜ୍ଞତା ନିଶ୍ଚେ ଥିବ। ମୋ କହିବା କଥା ହେଲା, କେବଳ ପାଠ ପଢ଼ିଲେ ଯେ ଲୋକ ବୁଦ୍ଧିଆ ହୁଅନ୍ତି ତାହା ନୁହେଁ। ଉପସ୍ଥିତ ବୁଦ୍ଧି ପାଇଁ ଶାଠର ଆବଶ୍ୟକତା ଅଧିକ। ଡଙ୍ଗାରେ ନଦୀ ପାର ହେଉଥିବା ଶାସ୍ତ୍ରଜ୍ଞ ପଣ୍ଡିତଙ୍କୁ ବତାସ ବୁଡ଼େଇ ମାରିଲାବେଳେ ପହଁରା ଜାଣିଥିବା ନାଉରିଆ ଜୀବନ ବଞ୍ଚେଇବା ଭଳି ଅନେକ କାହାଣୀ ଆମ ପୂର୍ବସୁରୀମାନେ କହି ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବିମାନର ମୁଖ୍ୟ ପାଇଲଟ ଓ ସହ ପାଇଲଟଙ୍କ ବୋଇଂ ବିମାନ ଉଡେଇବାର ଯଥେଷ୍ଟ ଶିକ୍ଷାଗତ ଯୋଗ୍ୟତା ସହ ଅନେକ ଘଣ୍ଟା ଆକାଶ ମାର୍ଗରେ ବିମାନ ଉଡେଇବାର ଅଭିଜ୍ଞତା ଥିଲା। କିନ୍ତୁ କେବଳ ଭଲ ଗାଡ଼ି ଚଳେଇବାର ଅଭିଜ୍ଞତା ରଖିଲେ ହେବ ନାହିଁ ତାହା ସହ କିଛି ଯୁଗାଡ଼ ଗୁଣ ବି ରଖିବା ଦରକାର ; ଯଦ୍ୱାରା ଯଦି ଗାଡ଼ି ଦୈବାତ୍ ବାଟରେ ବନ୍ଦ ହୋଇଯାଏ ତେବେ ଉପସ୍ଥିତ ଯୁଗାଡ଼ିଆ ବୁଦ୍ଧିରେ ଗାଡ଼ିକୁ ଅନ୍ତତଃ ପକ୍ଷେ ଗ୍ୟାରେଜ ଯାଏ ଆଣିପାରିବ। ବିମାନର ଇଞ୍ଜିନ ଓ ତେଲ ପାଇପରେ ଯେତିକି ତେଲ ଥିଲା ତାହା ବିମାନକୁ ଭୂମିରୁ ନେଇ ମଝି ଆକାଶରେ ପହଞ୍ଚେଇ ଦେଲା। ତା'ପରେ ଯେତେବେଳେ ମଝି ଆକାଶରେ ଉଡ଼ାଜାହାଜର ବେଗ କମିଗଲା ଓ ଆଉ ଆଗକୁ ଟାଣିବାକୁ ଶକ୍ତି ପାଇଲା ନାହିଁ ସେତେବେଳେ ପାଇଲଟ ଦେଖିଲେ




ତେଲ ଚାବି ବନ୍ଦ ଅଛି। ପାଇଲଟ ତୁରନ୍ତ ତେଲ ଚାବି ଖୋଲିଦେଲେ ସିନା ହେଲେ ତେଲ ପାଇପ ଦେଇ ଇଞ୍ଜିନରେ ପହଞ୍ଚିଲା ବେଳକୁ ଖେଳ ସରିଯାଇଥିଲା। ଯଦି ପାଇଲଟ ତେଲ ଚାବି ଖୋଲିଲା ପରେ ବିମାନକୁ ତୁରନ୍ତ ଗୋଟିଏ ପଟକୁ ଅଣେଇ ରଖିଥାନ୍ତେ କିମ୍ବା ସହ ପାଇଲଟ ତେଲ ଟାଙ୍କିର ଢାଙ୍କୁଣି ଖୋଲି ଦୁଇ ତିନିଥର ଜୋରରେ ଫୁଙ୍କି ଦେଇଥାନ୍ତେ ତେବେ ହୁଏତ ଏକ ନିଶ୍ଚିତ ଦୁର୍ଘଟଣାରୁ ବିମାନ ବର୍ତ୍ତି ଯାଇଥାନ୍ତା। କିନ୍ତୁ ହାୟ ପାଇଲଟଙ୍କ ଏହି ସାମାନ୍ୟ ଉପସ୍ଥିତ ବୁଦ୍ଧିର ଅଭାବ ଯୋଗୁ ଶତାଧିକ ନିରୀହ ଲୋକଙ୍କ ଜୀବନ ଗଲା। ମୁଁ ତ କହିବି ପାଇଲଟ ଟ୍ରେନିଂ ସ୍କୁଲମାନଙ୍କରେ ଶିକ୍ଷାନବିସମାନଙ୍କୁ ଉଡାଜାହାଜ ଉଡେଇବା ପୂର୍ବରୁ ସ୍କୁଟର ଚଳେଇବାର ଅଭିଜ୍ଞତା ବାଧ୍ୟତାମୂଳକ କରାଯିବା ଉଚିତ ; ଯଦ୍ୱାରା ସେମାନେ ଆଗକୁ ଏପରି ଅସୁବିଧା ସମୟରେ ଜାଣିପାରିବେ ବିମାନକୁ କେତେ ସମୟ ଓ କେତିକି ଡିଗ୍ରୀ ଅଣେଇ ରଖିଲେ ତେଲ ଶୀଘ୍ର ବିମାନ ଇଞ୍ଜିନ ଯାଏଁ ପହଞ୍ଚିବ। ଦେଶ ଗାଡ଼ିର ପେଟ୍ରୋଲ ଯେତେବେଳେ ସରିଯାଉଛି ସେତେବେଳେ ନେତାଏ ଦେଶକୁ ଅଣେଇ ଦେଉଛନ୍ତି, ଟଙ୍କା ଟାଙ୍କିକୁ ଫୁଙ୍କି ଉଡେଇ ଦେଉଛନ୍ତି। ତା'ପରେ ଦେଶ ଧକେଇ ଧକେଇ ହେଲେ ବି ଚାଲୁଛି ନା ନାହିଁ। ଏବେ ଆପଣମାନେ ହୁଏତ କହିବେ ବର୍ତ୍ତମାନ ଏ ସବୁ ଆଲୋଚନା କରି କି ଲାଭ ? ଠିକ୍ କଥା, ଚୋର ଗଲା ପରେ ମୁଣ୍ଡକୁ ବୁଦ୍ଧି ପଶିଲେ ତା'ର କିଛି ଲାଭ ନ ଥାଏ। ମୋର ଦୁଃଖ ଯେ ଯଦି ସେ ନିର୍ବୋଧ ପାଇଲଟ ଥରୁଟିଏ ମୋତେ ଫୋନ କରି ପଚାରିଥାନ୍ତା କି 'ଭାଇ ଏମିତି ଗୋଟେ ଅସୁବିଧା ହେଇଯାଇଛି କ'ଣ କରିବା ?' ତେବେ ଅନ୍ତତଃ ପକ୍ଷେ ତିନିଶହ ନିରୀହ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା। ଏମିତି ବି କେହି କେହି କହିପାରନ୍ତି ଏ ଦୁଃଖଦ ଘଟଣାରେ ଯାଙ୍କୁ ମଜା ଲାଗୁଛି। ଆପଣଙ୍କ ରାଣ ମୁଁ ସେମିତି ଆଦୌ ନୁହେଁ। ସେ ଘଟଣାରେ ମୁଁ ମଧ୍ୟ ଆପଣଙ୍କ ସହ ସମମାତ୍ରାରେ ଦୁଃଖୀ। କିନ୍ତୁ କ୍ରିୟାବିହୀନ ପ୍ରତିକ୍ରିୟାରେ ମୁଁ ବିଶ୍ୱାସ କରେନାହିଁ। ମୁଁ କେବଳ ସେ ଘଟଣାରେ ମର୍ମାହତ ନୁହେଁ ବରଂ ଭବିଷ୍ୟତରେ ଯେମିତି ଆଉ କୌଣସି ଉଡାଜାହାଜର ଇଞ୍ଜିନକୁ ତୁରନ୍ତ ତେଲ ନ ପହଞ୍ଚି ପାରିବା ହେତୁ ଦୁର୍ଘଟଣା ନ ହେଉ ଖାସ୍ ସେଥିପାଇଁ ଅନେକ ଭାବି ଭାବି ମୋ ନିଜ ଅଭିଜ୍ଞତାରୁ ଏତକ ଲେଖୁଛି। ଏ ସବୁ ସତ୍ତ୍ୱେ ମୋର ଦୁଃଖ ଯେ ମୋ ପାଖରେ ଏତେ ବୁଦ୍ଧି ଥାଇ ଯଦି କେହି ବିପଦ ସମୟରେ ମୋତେ ପଚାରୁ ନାହାନ୍ତି ତେବେ ଏହା ସେମାନଙ୍କ ପ୍ରାରବ୍ଧ ଦୋଷ।

ଏ ବିଷୟରେ ଦେଶର କିଛି ମୁଖିଆମାନେ ମୋ ସହ ପରାମର୍ଶ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟକୁ ପରାମର୍ଶ ନେଲା ପରେ କେହି ସେ ବିଷୟରେ ଗଭୀର ଚିନ୍ତନ କରୁଥିବା ମୋତେ ଜଣାପଡୁନି। ଏଥିପାଇଁ ମୁଁ କାହାକୁ ଦୋଷ ଦେଉନାହିଁ। ଦୋଷ ମୋ ରାଶିରେ ଥିବା ଗ୍ରହ ନକ୍ଷତ୍ରମାନଙ୍କର। ଆଟଲାସ ପୃଥିବୀ ମୁଣ୍ଡେଇଲା ଭଳି ମୁଁ ଜୀବନବ୍ୟାପୀ ମୋ ଯାବତୀୟ ଯୁଗାଡ଼ିଆ ବୁଦ୍ଧି ମୁଣ୍ଡେଇ ବୁଲୁଥିବି ସିନା ହେଲେ ବୁଝେଇଲେ କେହି ବୁଝିବେନି, ଶୁଣେଇଲେ କେହି ଶୁଣିବେନି କି ମନେଇଲେ କେହି ମାନିବେନି। ସମାଜକୁ ସୁଧାରିବା ପାଇଁ ଉଚ୍ଚାଙ୍ଗ କାନ୍ଦୁରା ସାହିତ୍ୟକୁ ଛାଡ଼ି ମାନ୍ୟତା ପାଇ ନ ଥିବା ବ୍ୟଙ୍ଗ ସାହିତ୍ୟ ରଚନା କଲେ ପାଠକ କହୁଛନ୍ତି ଆମକୁ ସୁଧାରିବା ପୂର୍ବରୁ ଆଗ ନିଜକୁ ସୁଧାରିକି ଦେଖାଅ। ବାହାବେଳେ ଅଗ୍ନିକୁ ସାକ୍ଷୀ ରଖିଥିଲି ବୋଲି ଖାସ୍ ଧର୍ମ ରକ୍ଷା ପାଇଁ ମୁଁ ଦୁଇ ପଦ କହିଲା ପରେ ପତ୍ନୀଙ୍କଠାରୁ କୋଡ଼ିଏ ପଦ ବାଧ ହୋଇ ଶୁଣୁଛି। ଘରେ ଯେତେବେଳେ ମୋଠୁ କେହି ଶୁଣୁନାହାନ୍ତି ସେତେବେଳେ ବାହାର ଲୋକଙ୍କୁ ଦୋଷ ଦେଇ କି ଲାଭ! ମୋ ରାଶି ଗ୍ରହ ନକ୍ଷତ୍ରରେ ଥିବା ଯାବତୀୟ ବିସଙ୍ଗତି ବିଷୟରେ କହିଲେ ଏବେ କଥା କୁଆଡେ ଲମ୍ବିବ।

ଗୀତାରେ ପ୍ରଭୁ କହିଛନ୍ତି, କର୍ମସୁ କୌଶଳମ୍। ଏହାର ଭାବାର୍ଥ ଯାହା ହେଉଥାଉ ନା କାହିଁକି ଆମ ଲୋକ କିନ୍ତୁ କୌଶଳମ୍‌କୁ ଆକ୍ଷରିକ ଭାବେ ବୁଝିଛନ୍ତି। ପୋଥି ବାଇଗଣ ପଣ୍ଡିତମାନେ ପଢ଼ି ପଢ଼ି କର୍ମରେ ଲଗାଇ ଆଇଏଏସ୍ ଯାଏ ଗଲା ବେଳକୁ କୁଶଳୀ ଶାଠୁଆମାନେ କୌଶଳ ଲଗେଇ ସିଧା ଦେଶର ମନ୍ତ୍ରୀ, ମହାମନ୍ତ୍ରୀ ଅର୍ଥାତ୍ ଆଇଏଏସ୍‌ଙ୍କ ବସ୍ ହେଇଯାଉଛନ୍ତି। ସ୍ୱାଧୀନତାର ଅଶୀବର୍ଷ ଭିତରେ ଏକ ସିଂହଭାଗ ସମୟ ଏ ଦେଶକୁ ଏଇ କୁଶଳୀ ଶାଠୁଆମାନେ ଶାସନ କରିଛନ୍ତି। ଅତି ପାଠୁଆମାନେ ତାଙ୍କ ପ୍ରଳାପକୁ ମମଃ ଆଦେଶ ମାନି କାର୍ଯ୍ୟ କରିଛନ୍ତି। ଏ ଦେଶର କୁଶଳୀ ଶାଠୁଆମାନଙ୍କ ଅଭିନବ କୌଶଳ ସର୍ବଦା ବିଶ୍ୱକୁ ଚମକୃତ କରିଆସୁଛି। ଆଟଲାସ ଆଉ ପୃଥିବୀକୁ ବୋହୁନି ବରଂ ପୃଥିବୀ ଏବେ କୁଶଳୀ ଶାଠୁଆ ଆଟଲାସମାନଙ୍କୁ ମୁଣ୍ଡେଇ ବୁଲୁଛି।

-ବନମାଳୀ ଭବନ, ଖାନ୍ ନଗର, କଟକ


ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ନାଦନ ପ୍ରେମମ୍

**ହିନ୍ଦୀ ଅନୁବାଦ: ଡ. ଆରସୁ, ଓଡ଼ିଆ ଅନୁବାଦ: କନକ ମଞ୍ଜରୀ ସାହୁ**

**ପ୍ରକାଶକ: ବ୍ଲାକ୍ ଈଗଲ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା, ମୂଲ୍ୟ- ୧୮୦ଟଙ୍କା**





'ନାଦନ ପ୍ରେମମ୍' ଉପନ୍ୟାସର ଓଡ଼ିଆ ଅନୁବାଦ କରିଛନ୍ତି କନକ ମଞ୍ଜରୀ ସାହୁ। ପୁସ୍ତକରେ ପ୍ରଥମ ପରିଚ୍ଛେଦ ଓ ଦ୍ୱିତୀୟ ପରିଚ୍ଛେଦ ରହିଛି। ଗ୍ରାମୀଣ ଜୀବନର ବିଷୟବସ୍ତୁ, ରୋମାଣ୍ଟିକ୍ କଳ୍ପନା ଓ ସାମାଜିକ ଚଳଣିର ଆକଳନ ଉପନ୍ୟାସରେ ପ୍ରତିଫଳିତ ହୋଇଛି। ଏଥିରେ ନାଦନ ପ୍ରେମମ୍‌ର ସରଳ ପ୍ରେମ ବିଷୟରେ ବର୍ଣ୍ଣନା କରାଯାଇଛି। ରବିନ୍ଦ୍ରନ ଓ ମାଲୁ ଚରିତ୍ରକୁ ଉପନ୍ୟାସରେ ଗୁରୁତ୍ୱ ଦିଆଯାଇଛି। ମାଲୁ ନିକଟରୁ ରବିନ୍ଦ୍ରନ ବିଦାୟ ନେବାବେଳେ ନିକଟରେ ଛିଡ଼ା ହୋଇ ସେ ପଚାରିଲା ''ମୋତେ ଛାଡ଼ିକି ଚାଲିଯିବ ?''ସେ ପର୍ସ ଖୋଲି ମାଲୁ ହାତରେ ଦଶ ଟଙ୍କାର ନୋଟ୍ ଧରାଇଦେଲେ। ଟଙ୍କାଟା ନେବାରେ ତା'ର ସଂକୋଚ ନ ଥିଲା। ପଇସା ପାଇଁ ନୁହେଁ, କେବଳ ପ୍ରେମିକର ଗୋଟିଏ ସ୍ମୃତି ରକ୍ଷା ପାଇଁ। ରବିନ୍ଦ୍ରନ୍ ଶେଷ ଥର ଲାଗି ତାକୁ ଚୁମ୍ବନ ଦେଲେ। କହିଲେ ଆମକୁ ଏବେ ଅଲଗା ହେବାକୁ ପଡ଼ିବ। ଏଭଳି ଭାବରେ ଉପନ୍ୟାସଟି ଅନୁବାଦ ହୋଇଛି, ଯାହା କି ପ୍ରସଂଶାଯୋଗ୍ୟ। ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ।

### ଶ୍ରୀ ଅରବିନ୍ଦାୟନ (ଜୀବନୀ ମହାକାବ୍ୟ)

**ସୁଧାଂଶୁ ଶେଖର ବେହେରା, ପ୍ରକାଶକ- ଶ୍ରୀ ଅରବିନ୍ଦ ନବୋଦ୍ୟମ ଟ୍ରଷ୍ଟ**


**ମାତୃଭୂମି, ମାର୍କୋଣା, ବାଲେଶ୍ୱର-୨୬, ମୂଲ୍ୟ- ୫୫୦ଟଙ୍କା।**

ମହାଯୋଗୀ ଅରବିନ୍ଦ ହେଉଛନ୍ତି ପୃଥିବୀର ଜଣେ ଅନନ୍ୟ ସାଧକ। ତାଙ୍କ ଦ୍ୱାରା ଅନେକ ପୁସ୍ତକ ରଚନା କରାଯାଇଛି। ବହୁ ପୁସ୍ତକ ମଧ୍ୟ ତାଙ୍କ ଉପରେ ଲେଖାଯାଇଛି। ଶ୍ରୀ ଅରବିନ୍ଦାୟନ ପୁସ୍ତକରେ ୧୧୪ଟି ବିଷୟରେ ଗଦ୍ୟାକାରରେ ଲେଖାଯାଇଛି। ମଙ୍ଗଳାଚରଣରୁ ଆରମ୍ଭ ହୋଇ ପବିତ୍ର ସମାଧି ପୀଠରେ ଶେଷ ହୋଇଛି। କବିଙ୍କ ଲେଖନୀ ନିଶୃତ ମହତ୍ତର ଭାବନାରେ ଉଦ୍‌ବୁଦ୍ଧ ଏହି ରଚନା ଆଧୁନିକତାର ଜ୍ୟୋତିରେ ସ୍ୱତଃ ଭାସ୍ୱର। ଏହି ମହାକାବ୍ୟଟି କବିଙ୍କର ଆଧୁନିକ ଚେତନାସମ୍ପନ୍ନ ସାହିତ୍ୟକୃତି ଅଟେ। ଅନେକ ଦୃଷ୍ଟିରୁ ବିଚାର କରିବା ଦ୍ୱାରା ଏହା ପ୍ରତିପନ୍ନ ହୋଇଥାଏ ଯେ, ଲେଖକ ସୁଧାଂଶୁ ଶେଖର ବେହେରାଙ୍କ ରଚନା ବେଶ୍ ଉଚ୍ଚକୋଟିର। ପୁସ୍ତକରେ ଛନ୍ଦ ଆକାରରେ ଯେଭଳି ଲେଖାଯାଇଛି ତାହା ପ୍ରଶଂସନୀୟ। ପୁସ୍ତକଟି ଅରବିନ୍ଦ ଅନୁଗ୍ରାହୀଙ୍କୁ ବାନ୍ଧି ରଖିବ ବୋଲି ବିଶ୍ୱାସ କରାଯାଏ।



# ଥିଲେ ଆର୍‌ବିଆଇ ଗଭର୍ନରଙ୍କ ଗୁରୁ, ଏବେ କରୁଛନ୍ତି ଆଦିବାସୀଙ୍କ ସେବା

ଆଲୋକ ସାଗରଙ୍କ ଜନ୍ମ ଦିଲ୍ଲୀ ପଟପଡ଼ଗଞ୍ଜରେ। ବାପା ଜଣେ ଆଇଏଏସ୍ ଅଫିସର୍ ଓ ମା' ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସ୍‌ରେ ଫିଜିକ୍ସ ଟିଚର୍ ଥିଲେ। ମା'ବାପାଙ୍କ ପରି ସେ ବି ଥିଲେ ଖୁବ୍ ବୁଦ୍ଧିମାନ। ୭୮ଟି ଭିନ୍ନ ଭିନ୍ନ ଭାଷାରେ ପାରଙ୍ଗମ। ପରେ ଆଇଆଇଟି ଦିଲ୍ଲୀର ଗ୍ରାଜୁଏଟ୍ ହେଲେ ଓ ଆମେରିକାର ହ୍ୟୁଷ୍ଟନ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ହାସଲ କଲେ। ଆଇଆଇଟି ଦିଲ୍ଲୀର ପ୍ରଫେସର ବି ହେଲେ। ଭଲ ଦରମା ପାଇଲେ। ଭାରତୀୟ ରିଜର୍ଭ




ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କର ଗୁରୁ ହେଲେ। ଏତେସବୁ ପରେ ହଠାତ୍ ସେସବୁକୁ ସେ ତ୍ୟାଗ କରିଦେଲେ। ୧୯୮୨ ମସିହାରେ ଆଦିବାସୀଙ୍କ ସେବା କରିବା, ମହିଳାଙ୍କୁ ସଶକ୍ତ କରିବା ଲାଗି ମଧ୍ୟପ୍ରଦେଶର ବୈତୁଲ ଜିଲାର ଅପହଞ୍ଚ କୋଚାମୁ ଗାଁକୁ ଚାଲିଗଲେ। ଆଉ ସେଠାକାର ଆଦିବାସୀ ସମ୍ପ୍ରଦାୟ ପାଇଁ କାମ କରିବା ଆରମ୍ଭ କଲେ। କୋଚାମୁ ହେଉଛି ଏମିତି ଏକ ସ୍ଥାନ ଯେଉଁଠି ସଡ଼କ ନାହିଁ କି ବିଜୁଳି ନାହିଁ। ତଥାପି ସେ ସେଠି ଆଦିବସୀଙ୍କ ଭଳି ଜୀବନ ଜିଇବା ଶୈଳୀ ଶିଖିଲେ। ଦାମୀ ପୋଷାକ ତ୍ୟାଗ କଲେ। ମାତ୍ର ତିନିଟି କୁର୍ତ୍ତାରେ ଜୀବନ ବିତାଇଦେଲେ। କୁଡ଼ିଆ ଖଣ୍ଡେରେ ରହିଲେ। ଯିବା ଆସିବା କଲେ ସାଇକେଲରେ। ଏମିତିରେ ସେ ସେଠାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ସେଠାକାର ବିକାଶ ପାଇଁ ଅହରହ ଚେଷ୍ଟା ଚଳାଇଛନ୍ତି। ଆଖପାଖ ଗାଁରେ ବୀଜ ବିତରଣ କରନ୍ତି। ତା'ସହ ସେମାନଙ୍କର ଶିକ୍ଷା ପାଇଁ ବି କାମ କରୁଛନ୍ତି। ଏମିତିରେ ଦୀର୍ଘ ୪୩ ବର୍ଷ ଧରି ସେ ଆଦିବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି।



ବ୍ୟାକ୍ ପେଜ୍

# ଚତୁର ଶୁଆ

ସବୁଜ ରଙ୍ଗର ସୁନ୍ଦର ଶୁଆ ସବୁବେଳେ ମଣିଷର ମନ ମୋହି ଆସିଛି। ତା'ର ମଣିଷ ଭଳି କଥା କହିବାର ଦକ୍ଷତା ସମସ୍ତଙ୍କୁ ଆକର୍ଷିତ କରେ। ତେବେ ଶୁଆ ଯେ, କେବଳ କଥା କହିପାରେ ତାହା ନୁହେଁ ସେ ରଙ୍ଗ ବି ଚିହ୍ନିପାରେ। ବିଶ୍ୱାସ ନ ହେଲେ ବି କଥାଟି ସତ। ଆଉ ଏହି ସ୍ୱତନ୍ତ୍ର ଦକ୍ଷତା ପାଇଁ ଏକ ଶୁଆ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଉକ୍ତ ଶୁଆର ନାଁ ଶିଆଓଗୁଇ। ଖୁବ୍ କମ୍ ସମୟ ଭିତରେ ଏହି ଶୁଆ ବିଭିନ୍ନ ରଙ୍ଗକୁ ଚିହ୍ନି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଶିଆଓଗୁଇ ମାତ୍ର ୩୩.୫୦ ସେକେଣ୍ଡରେ ୧୦ଟି ରଙ୍ଗ ଚିହ୍ନି ରେକର୍ଡ କରିଛି। ଏହା ହେଉଛି କୌଣସି ଶୁଆ ଦ୍ୱାରା କରାଯାଇଥିବା ସବୁଠାରୁ ଦ୍ରୁତ ରେକର୍ଡ। ଉକ୍ତ ରେକର୍ଡ କରିବା ସମୟରେ ଶିଆଓଗୁଇ ସାମ୍ନାରେ ନାନାରଙ୍ଗର ଛୋଟ ଛୋଟ ଡବା ରଖାଯାଇଥିଲା। ତା'ସହ ଏକ ଝୁଡିରେ ସେହି ଡବା ରଙ୍ଗର କିଛି କୁନି କୁନି ବଲ୍ ରଖାଯାଇଥିଲା। ତା'ପାଇଁ ଟାସ୍କ ଥିଲା ଯେ, ଡବାର ରଙ୍ଗ ଅନୁସାରେ ସେହି ରଙ୍ଗର ବଲ୍ ଚିହ୍ନିକରି ଆଣି ତାକୁ ଡବାରେ ପକାଇବା। କୁନି ଶୁଆଟି ଗୋଟି ଗୋଟି କରି ବଲ୍ ଥଣ୍ଟରେ ଆଣି ସେହି ବଲ୍ ରଙ୍ଗର ଡବାକୁ ବାଛି ସେଥିରେ ପକାଇଥିଲା। ସେପୁଣି ନିର୍ଭୁଲରେ। ଶୁଆଟିର କଲର୍ ଚିହ୍ନିବା, ତା'ସହ ମ୍ୟାଚିଂ କଲର୍‌ର ଡବା ବାଛିବାର କଳା ଦେଖି ସମସ୍ତେ ଚକିତ ହୋଇଯାଇଥିଲେ। ଆଉ ତା'ର ନାଁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ଶିଆଓଗୁଇର ମାଲିକ କିନ୍ ଫେଙ୍ଗ ନିଜ ଶୁଆର ରଙ୍ଗ ଚିହ୍ନିବା ଗୁଣ ଛୋଟ ଥିବାବେଳୁ ଚିହ୍ନିପାରିଥିଲେ। ତେଣୁ ତାକୁ ସେ ରଙ୍ଗ ଚିହ୍ନି ତାକୁ ସେହି ରଙ୍ଗର ଡବାରେ ପକାଇବାର ତାଲିମ ଦେବା ଆରମ୍ଭ କରିଥିଲେ। ଧୀରେ ଧୀରେ ଶିଆଓଗୁଇ ଏଥିରେ ମାହିର ହୋଇଗଲା। ଆଉ ରେକର୍ଡ କରିପାରିଲା।





# କୁକୁର ଦେହରେ ଟାଟୁ

ନିକଟରେ ଆୟୋଜିତ ହୋଇଥିବା ୨୭ ତମ ଏସିଆନ୍ ପେଟ୍ ଶୋ'ରେ ଏକ କୁକୁର ବେଶ୍ ଚର୍ଚ୍ଚାକୁ ଆସିଛି। ଚର୍ଚ୍ଚାର କାରଣ ହେଉଛି ତା' ଶରୀରରେ ଖୋଦେଇ ହୋଇଥିବା ଅନେକ ଟାଟୁ। ୟାକୁଜା ଷ୍ଟାଇଲ୍‌ରେ କୁକୁରର ପୂରା ପିଠିକୁ ଟାଟୁ କରାଯାଇଛି। ସେପୁଣି ରଙ୍ଗ ବିରଙ୍ଗର ଓ ଖୁବ୍ ସୁନ୍ଦର ଟାଟୁ। କୁକୁରଟି ବେଶ୍ ଷ୍ଟାଇଲିଶ୍ ଓ ଆକର୍ଷକ ଲାଗୁଛି। ଏହାର ମାଲିକ ବି ଗର୍ବର ସହକାରେ କହିଛନ୍ତି ଯେ, 'ଟାଟୁ କରିବାବେଳେ କୁକୁରକୁ ଆନେସ୍ଥେସିଆ ଦିଆଯାଇ ନ ଥିଲା। କାରଣ ମୋ କୁକୁରର କଷ୍ଟ ସହିବା କ୍ଷମତା ବହୁତ। ଆଉ ଏହି ଟାଟୁ କରିବା ଲାଗି ମତେ ପାଖାପାଖି ୩୦୦୦ ୟେନ୍ ଖର୍ଚ୍ଚ କରିବାକୁ ପଡ଼ିଥିଲା।' ଏହି ବୟାନ ପରେ ପ୍ରାଣୀପ୍ରେମୀମାନେ କୁକୁର ମାଲିକକୁ ସମାଲୋଚନା କରିବା ଆରମ୍ଭ କରିଦେଇଛନ୍ତି। ଟାଟୁ କରିବାବେଳେ କୁକୁରକୁ ଯେ କେତେ ଯନ୍ତ୍ରଣା ସହିବାକୁ ପଡ଼ିଥିବ ସେ ନେଇ ମାଲିକକୁ ନିନ୍ଦା କରାଯାଉଛି। କାରଣ କୁକୁରର ଚର୍ମ ମଣିଷଠାରୁ ପତଳା। ତେଣୁ ତାକୁ ବହୁତ କଷ୍ଟ ହୋଇଥିବ।